## ପାରାଦୀପ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ବାର୍ ଆସୋସିଏଶନ ଶପଥପାଠ ଉତ୍ସବ ଶୁକ୍ରବାର ମଧୁବନ ଅଫିସର୍ସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିର୍ବାଚନ ଅଧିକାରୀ ଗୋରା ଚାନ୍ଦ ସିଂ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ମୁଖ୍ୟ ଅତିଥିଭାବେ କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ଦେବୀ ପ୍ରସାଦ ଧଳ ଯୋଗଦେଇଥିଲେ। ଭାରତ ସରକାରଙ୍କ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଓଡିଶା ବାର୍ କାଉନସିଲ ସଦସ୍ୟ ମାନସ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ହେମନ୍ତ ସାହୁ,ସମ୍ପାଦକ ତପନ ଦାସ ଏହାକୁ ସଞ୍ଚାଳନ କରିଥିଲେ।

## ସଂକ୍ଷେପରେ

### ଅଳକା ନଦୀରୁ ମହିଳା ଉଦ୍ଧାର

ବାଲିକୁଦା,୧୫।୪(ସ୍ୱପ୍ର): ବାଲିକୁଦା ବ୍ଲକ ଦେଇ ପ୍ରବାହିତ ଅଳକା ନଦୀରୁ ଶୁକ୍ରବାର ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ସେ ହେଲେ ବାଲିକୁଦା ଥାନା ଅଳାଭର ପଞ୍ଚାୟତ କଣିଆ ଗାଁର ରାଧାଶ୍ୟାମ ବାରିକଙ୍କ ସ୍ତ୍ରୀ ସଞ୍ଜୁଲତା(୫୫)। ସେ ଜଣେ ମାନସିକ ଅନଗ୍ରସର ମହିଳା। ତାଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି। ଗତ ବୁଧବାର ରାତିରୁ ସେ ନିଖୋଜ ଥିଲେ । ପରିବାର ଲୋକ ଚାରିଆଡ଼େ ଖୋଜାଖୋଜି କରି ମଧ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ଗାଁଠାରୁ ଖଣ୍ଡେ ଦୂର ଅଳକାନଦୀ ପଠାରୁ ତାଙ୍କ ଟର୍ଚ୍ଚ ମିଳିଥିଲା। ଏନେଇ ସେ ନଦୀକୁ ଡେଇଁଥିବା ଆଶଙ୍କା କରି ବାଲିକୁଦା ଦମକଳ ବାହିନୀକୁ ଖବର ଦିଆଯାଇଥିଲା କର୍ମଚାରୀ ପହଞ୍ଚି ତାଙ୍କୁ ନଦୀରେ ଖୋଜାଖୋଜି କରି ଅପରପାର୍ଶ୍ୱରେ ଥିବା ଏକ ବୁଦାମୂଳରୁ ସଞ୍ଜୁଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି।

### ୪୦୭-ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଡେରାବିଶ, ୧୫।୪(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର କାକଟିଆ ଛକଠାରେ ଶୁକ୍ରବାର ଅପରାହ୍ଣରେ ୪୦୭ ଟ୍ରକ୍ ସହ ଏକ ବାଇକ୍ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ଦୁଇଜଣ ଗୁରୁତର ହୋଇପଡିଥିଲେ। ରାଜନଗର ଅଞ୍ଚଳର ଦୁଇଜଣ ଯୁବକ ଏକ ବାଇକ୍ରେ କଟକରୁ ଫେରୁଥିବା ବେଳେ ଏହି ଧକ୍କା ହୋଇଥିଲା। ସ୍ଥାନୀୟ ଯୁବକଙ୍କ ସହାୟତାରେ ସେମାନଙ୍କୁ ଅଗ୍ନିଶମ ଗାଡ଼ିରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ତେବେ ଗୁରୁତର ଦୁଇ ଯୁବକ ସଂଜ୍ଞାହୀନ ଅବସ୍ଥାରେ ଥିବାରୁ ତାଙ୍କର ପରିଚୟ ଜଣାପଡ଼ିନାହିଁ।

### ଗୋରେଖନାଥ ପୀଠ ଯଜ୍ଞ ପାଇଁ ୯ ଜଣିଆ କମିଟିକୁ ସ୍ୱୀକୃତି

ରଘୁନାଥପୁର,୧୫।୪(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୁତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଗତ ଦୁଇବର୍ଷ ତଳୁ ଟ୍ରଷ୍ଟବୋର୍ଡ ଗଠନକୁ ନେଇ କୋର୍ଟରେ ମାମଲା ରହିଛି। ଆସନ୍ତା ଅକ୍ଷୟ ତୃତୀୟାରୁ ପୀଠରେ ୮ ଦିନ ବ୍ୟାପୀ ଯଜ୍ଞ ଉତ୍ସବ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ଦେବୋତ୍ତର ବିଭାଗ ପକ୍ଷରୁ ଏକ ୯ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ କଟକଙ୍କ ମୋହର ବାଜିଛି। କମିଟିରେ ରଘୁନାଥପୁର ତହସିଲଦାର, ତିର୍ତ୍ତୋଲ ଆଇଆଇସିଙ୍କ ସମେତ ସ୍ଥାନୀୟ ବ୍ୟକ୍ତି ପ୍ରମୋଦ କୁମାର ମହାନ୍ତି, ଶରତ ଚନ୍ଦ୍ର ଦାସ, ଗନ୍ଧର୍ବ ସ୍ୱାଇଁ, ଗୌରାଙ୍ଗ ମହାନ୍ତି, ଜୀବନ ବଲ୍ଲଭ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମହାନ୍ତି ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ସ୍ଥାନ ପାଇଛନ୍ତି ।

# ମୁଖ୍ୟାଳୟରେ ରହୁନାହାନ୍ତି ସରକାରୀ କର୍ମଚାରୀ

- କେତେଜଣ ସରକାରୀ ଗାଡିରେ କଟକ, ଭୁବନେଶ୍ୱର ଯାତାୟାତ କରୁଛନ୍ତି
- ୩ ଦିନ ଛୁଟି ଥିବାରୁ ଶନିବାର ଅନେକ ଅନୁପସ୍ଥିତ ରହିବା ସମ୍ଭାବନା

ଜଗତ୍ସିଂହପୁର ଅଫିସ, ୧୫।୪

ଜଗତ୍ସିଂହପୁର ଜିଲାରେ ବିଶେଷକରି ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଅନେକ କଟକ, ଭୁବନେଶ୍ୱରରେ ରହୁଛନ୍ତି। ଏଥିଯୋଗୁ ଲୋକଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ଏହି ଅଧିକାରୀ ଓ କର୍ମଚାରୀମାନେ ମୁଖ୍ୟାଳୟରେ ରହୁ ନ ଥିବାରୁ କୌଣସି ବାହାନା ନେଇ ଶୁକ୍ରବାର ଅପରାହ୍ଣରୁ କଟକ, ଭୁବନେଶ୍ୱର ଚାଲିଯାଉଛନ୍ତି। ଏପରି କି କେତେଜଣ ଅଧିକାରୀ, ଯନ୍ତ୍ରୀ ସରକାରୀ କାରର ଦୁରୁପଯୋଗ କରୁଛନ୍ତି। ସେମାନେ ସରକାରୀ ଅର୍ଥରେ କଟକ, ଭୁବନେଶ୍ୱର ଯିବାଆସିବା କରୁଛନ୍ତି। ଏହାଦ୍ୱାରା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ସଂଗ୍ରାମ କେଶରୀ ମହାପାତ୍ର ପ୍ରଥମ ଦଫାରେ ଜଗତ୍ସିଂହପୁର ଜିଲାପାଳ ଥିବାବେଳେ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ। ଲୋକଙ୍କ ସ୍ୱାର୍ଥକୁ ଗୌଣ କରି ଅଧିକାରୀ, କର୍ମଚାରୀମାନଙ୍କ ଏହି ଗସ୍ତ ଉପରେ ୨୦୧୯ ଜୁଲାଇରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିଥିଲେ। ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯେପରି ସେମାନଙ୍କ ମୁଖ୍ୟାଳୟରେ ରହିବେ ସେନେଇ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ମୁଖ୍ୟାଳୟରେ ରହିଲେ ଲୋକଙ୍କ ପ୍ରତି ସେମାନଙ୍କ ଆତ୍ମୀୟତା ଓ ଅଙ୍ଗିକାରବଦ୍ଧତା ବଢ଼ିବ ବୋଲି ସେ କହିଥିଲେ। କିନ୍ତୁ ପରେ ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପାଳନ ହୋଇ ନ ଥିଲା। ତାଙ୍କ ପରେ ପାରୁଲ ପଟୱାରୀ ଜିଲାପାଳ ଭାବେ ଯୋଗ ଦେଇଥିଲେ ସୁଦ୍ଧା ପୂର୍ବପରି ସରକାରୀ ଅଧିକାରୀ ଓ କର୍ମଚାରୀମାନେ କଟକ, ଭୁବନେଶ୍ୱର ଯାତାୟାତ କରୁଛନ୍ତି।

ଗତ ୧୪ ତାରିଖରେ ଆମ୍ବେଡକର ଜୟନ୍ତୀ ଓ ଶୁକ୍ରବାର ଗୁଡ୍ ଫ୍ରାଇଡେ ନେଇ ଛୁଟି ଘୋଷଣା ହୋଇଛି। ଶନିବାର କାର୍ଯ୍ୟାଳୟ ଖୋଲିବାର ଥିଲେ ସୁଦ୍ଧା ରବିବାର ଛୁଟି। ଏହି ୪ ଦିନ ଭିତରେ ୩ ଦିନ ଛୁଟି ରହୁଥିବାରୁ ଅନେକ ସରକାରୀ ଅଧିକାରୀ, କର୍ମଚାରୀ ଓ ଯନ୍ତ୍ରୀ ଗତ ୧୩ ତାରିଖରୁ କଟକ, ଭୁବନେଶ୍ୱର ପଳାଇଛନ୍ତି। ମଝିରେ ଅର୍ଥାତ୍ ଶନିବାର ବିଭିନ୍ନ ବାହାନା ନେଇ କାର୍ଯ୍ୟାଳୟ ନ ଆସି ଅନୁପସ୍ଥିତ ରହିବା ସମ୍ଭାବନା ରହିଛି। ଖରାଦିନ ଯୋଗୁ ସକାଳ ୭ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହୁଛି ତେଣୁ ଏହି ସମୟ ମଧ୍ୟରେ ସେମାନଙ୍କ ଅନୁପସ୍ଥିତି ପ୍ରକାରାନ୍ତରେ ଲୋକଙ୍କୁ ଅସୁବିଧାରେ ପକାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ କହିଛନ୍ତି ଯେଉଁ ସରକାରୀ କର୍ମଚାରୀ, ଅଧିକାରୀ ଓ ଯନ୍ତ୍ରୀମାନେ ଏଭଳି କରୁଛନ୍ତି ତାହା ଅକ୍ଷମଣୀୟ ଭୁଲ। ଅଧିକାଂଶ ସପ୍ତାହରେ ଶୁକ୍ରବାର ମଧ୍ୟାହ୍ନରୁ ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହି କର୍ମଚାରୀମାନେ କଟକ, ଭୁବନେଶ୍ୱରରେ ରହି ଲୋକଙ୍କୁ ଠକୁଛନ୍ତି। ଲୋକଙ୍କ ଟିକସରେ ଦରମା ପାଉଥିଲେ ସୁଦ୍ଧା ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଅଧିକ ସମୟ ଦେଇ ରାଜକୋଷ ଲୁଟୁଛନ୍ତି। ଏହି କର୍ମଚାରୀମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ସେମାନେ ବ୍ୟବହାର କରୁଥିବା ସରକାରୀ ଗାଡି ସମ୍ପର୍କରେ ମଧ ତଥ୍ୟ ମଗାଯାଉ। ଜିଲାପାଳ ଏହା ଉପରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ପଟୱାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

## ଆଧ୍ୟାତ୍ମିକ ଚେତନା ହିଁ ଅବକ୍ଷୟମୁଖୀ ସମାଜକୁ ରୋକିବ

### ରାଧାରମଣ ମଠରେ ଚୈତନ୍ୟ ଭାଗବତ ଗ୍ରନ୍ଥ ଉନ୍ମୋଚନ

ପଟ୍ଟାମୁଣ୍ଡାଇ,୧୫।୪(ସ୍ୱ.ପ୍ର.)

ଆଧ୍ୟାତ୍ମିକ ଚେତନା ହିଁ ଅବକ୍ଷୟମୁଖୀ ସମାଜକୁ ରକ୍ଷା କରିପାରିବ। ପଟ୍ଟାମୁଣ୍ଡାଇସ୍ଥିତ ଶ୍ରୀରାଧାରମଣ ମଠ ପରିସରରେ ଆୟୋଜିତ ବାବାଜି ହୃଷୀକେଶ ଦାସମହାରାଜଙ୍କ ରଚିତ ଆଧ୍ୟାତ୍ମିକ ଗ୍ରନ୍ଥ ଶ୍ରୀଚୈତନ୍ୟ ଭାଗବତ ପୁସ୍ତକର ଉନ୍ମୋଚନ ଉତ୍ସବରେ ଯୋଗଦେଇ ଅତିଥିମାନେ ମତପୋଷଣ କରିଛନ୍ତି। ଶ୍ରୀରାଧାରମଣ ଦେବ ଶୁଭ ଆବିର୍ଭାବ ମହୋତ୍ସବ ପାଳନ ଅବସରରେ ମଠାଧୀଶ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦେବବ୍ରତ ଦେବତାଙ୍କ ସଞ୍ଚାଳନରେ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପୂର୍ବତନ ଏମ୍ପି ଡ. ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି, ଡ. ଭାଗ୍ୟଧର ସାହୁ ମୁଖ୍ୟ ବକ୍ତା, ବୃନ୍ଦାବନ ଧାମର ସନ୍ଥ କିଶୋରୀମନ ଦାସମହାରାଜ, ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ବାରମ୍ବାର ମରାମତି ସତ୍ତ୍ୱେ ସୁଧୁରୁନି ଅବସ୍ଥା

## ଅଳଭା-ଗଣ୍ଡାକିଆ ରାସ୍ତା


ମରାମତି ପରେ ରାସ୍ତା ଦବିଯାଇଛି।

ପଟ୍ଟାମୁଣ୍ଡାଇ,୧୫।୪ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଅଳଭା-ଗଣ୍ଡାକିଆ ସାଢେ ୧୦ କିମି ରାସ୍ତା ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଇଁ ଲେଉଟିଆ କିଆରି ପାଲଟିଛି। ଏହି ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ଗୋବରୀ ସମ୍ପ୍ରସାରିତ କେନାଲ ବନ୍ଧର ବାମପାର୍ଶ୍ୱରେ ନିର୍ମିତ ହୋଇଛି। ୨୦୧୪ରେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହି ରାସ୍ତାଟି ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳ ସମେତ, ରାଜନଗର ଓ ମହାକାଳପଡ଼ା ଅଞ୍ଚଳର ଜୀବନରେଖା। ଏହା ମଧ୍ୟ କେନ୍ଦ୍ରାପଡ଼ା ଜିଲା ସଦର ମହକୁମାକୁ ସଂଯୋଗ କରୁଛି। ତେଣୁ ଏହି ରାସ୍ତା ଗୁରୁତ୍ୱ ବହନ କରୁଛି। ଏହି ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରୁଛନ୍ତି। ଶତାଧିକ ଗାଡ଼ି ମୋଟର, ଭାରିଯାନ ଓ ଯାତ୍ରୀବାହୀ ବସ୍ ଜିଲା ତଥା ବାହାରରୁ ଚଳାଚଳ କରିଥାଏ। ଏହି ରାସ୍ତା ଭିତରକନିକା ଅଭୟାରଣ୍ୟକୁ ଅନ୍ୟତମ ସଂଯୋଗ ରାସ୍ତା। ହେଲେ ଏହି ରାସ୍ତା ପ୍ରତି ବିଭାଗୀୟ ଅଧିକାରୀ, ରାଜନେତାଙ୍କ ପର୍ଯ୍ୟନ୍ତ କେହିବି ଦୃଷ୍ଟି ଦେଉନାହାନ୍ତି। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାର ୯ ବର୍ଷ ମଧ୍ୟରେ ଏହି ରାସ୍ତାର ନିର୍ମାଣ ଓ ମରାମତି ବାରମ୍ବାର କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ବାରମ୍ବାର ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତ ହୋଇଛନ୍ତି। କିନ୍ତୁ ରାସ୍ତା ନିର୍ମାଣ କିମ୍ବା ମରାମତି ହେବା ପରେ ପିଚୁ ଉଠିଯିବା ସହ ଗାତ ସୃଷ୍ଟି ହୋଇ ଯାତାୟାତରେ ବାଧା ଉପୁଜୁଛି। ୨୦୧୪ରେ ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଆରମ୍ଭ କରି ୨ ବର୍ଷ ପରେ ରାସ୍ତା କାମ ପୂରା କରିଥିଲା। ଏହାର ମାତ୍ର ୨ ବର୍ଷ ପରେ ଅଳଭାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ସାଢେ ୧୦ କିମି ରାସ୍ତାକୁ ପିଚୁ କରିବାକୁ ୩ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ୨୦୧୮ରେ ଟେଣ୍ଡର କରାଯାଇଥିଲା। କିନ୍ତୁ ତାହା ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ନ କରି ସିମୁଳିଆ ପର୍ଯ୍ୟନ୍ତ ମାତ୍ର ୬ କିମି ରାସ୍ତା କାମ କରାଯାଇଥିଲା। ଏହି କାର୍ଯ୍ୟ ୨୦୧୯ ଜୁନ୍ରେ ଶେଷ ହୋଇଥିଲା। ଅନ୍ୟପକ୍ଷରେ ସିମୁଳିଆଠାରୁ ମାଳିବସା ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତାକୁ ପିଚୁ କରିବାକୁ ପୁନର୍ବାର ୨୦୧୯ରେ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଆଉ ଏକ ଟେଣ୍ଡର କରାଯାଇ କାମ ହୋଇଥିଲା। ତେବେ ମାଳିବସାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ବାକି ପଡିଥିବା ସାଢେ ୪ କି.ମି. ରାସ୍ତାରେ ଆଣ୍ଠୁଏ ଲେଖାଏ ଗାତ ହୋଇ ପଡିରହିଛି। ଜନସାଧାରଣଙ୍କ ଅଭିଯୋଗ ପରେ ପ୍ରଶାସନ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ କରି ବିଲ୍ ଉଠାଇ ନେଇଥିଲେ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏବେ ଏହି ରାସ୍ତା ଖାଲଖମା ସହ ମରଣଯନ୍ତା ପାଲଟିଛି। ଏହା ପୂର୍ବରୁ ଏହି ରାସ୍ତାରେ ତାଳି ପକା କାମ ବହୁବାର କରାଗଲାଣି। ବାରମ୍ବାର ତାଳି ପକା କାମ କରାଯାଉଥିବା ବେଳେ ରାସ୍ତାର ରୂପରେଖ ବଦଳି ନାହିଁ ବରଂ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ଏହି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ସୃଷ୍ଟି ହୋଇଛି। ତେବେ ୪ ଗୋଟି ବ୍ଲକର ଜନସାଧାରଣ ହିତ ଦୃଷ୍ଟିରୁ ରାସ୍ତାର ଠିକ୍ ଭାବେ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ତରାଇ, ସାମାଜିକ କର୍ମୀ ଗନ୍ଧର୍ବ ସାହୁ, ଗଗନ ବାରିକ, ସୁକୁଟା ବେହେରା, ପଦ୍ମଲୋଚନ ସ୍ୱାଇଁ, ନରେନ୍ଦ୍ର ବେହେରା, ନକୁଳ ଚରଣ ସୂତାର, ସଞ୍ଜୀବ ତରାଇ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ନାୟକଙ୍କୁ ପଚାରିବାରେ ଏହି ରାସ୍ତାରେ ଭାରିଯାନ ଅଧିକ ଯାତାୟାତ କରୁଛି। ରାସ୍ତା ତଳେ ଥିବା ମାଟି ଓଜନକୁ ସହ୍ୟ କରିପାରୁନାହିଁ। ତେଣୁ ରାସ୍ତା ଫାଟି ଯାଉଛି।

## 'ବିଷୁବ ମିଳନ ଆଧ୍ୟାତ୍ମିକ, ଭ୍ରାତୃଭାବ ସୃଷ୍ଟି କରେ'

ବିରିଡି,୧୫।୪(ଡି.ଏନ୍.ଏ.)

ବିରିଡି ବ୍ଲକ ଦଳେଇଘାଇସ୍ଥିତ ଆଷାଢ ସାହିତ୍ୟ ସଂସଦର ବିଷୁବ ଆସର ଶୁକ୍ରବାର ଧାନକୁଦ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଷୁବ ମିଳନ ମାଧ୍ୟମରେ ଆଧ୍ୟାତ୍ମିକ ସମ୍ପର୍କ ଓ ଭ୍ରାତୃଭାବ ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୀଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଏହାକୁ ଉଦ୍ଘାଟନ କରିଥିଲେ। ଗୀତି କବି ବାମଦେବ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥିଭାବେ ସାମାଜିକକର୍ମୀ ବିଭୁଦତ୍ତ ସାହୁ ଓ ନୃସିଂହ କୁମାର ଦାଶ ଯୋଗ ଦେଇଥିଲେ। ସଂସଦର ସଭାପତି କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ, ଉପସଭାପତି କାଦମ୍ବିନୀ ପରିଜା ସ୍ୱାଗତ ଭାଷଣ, ସମ୍ପାଦିକା କୁନ୍ତଳା ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ 'ବିଷୁବ' ସମ୍ମାନରେ ଇଂ. ତୋଫାନ କୁମାର ଜେନା, 'ବିଜୁ ସମ୍ମାନରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ ଏବଂ ଦୀପ୍ତିମୟ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଖବରଦାତା କବି ନୀଳମଣି ସାହୁ ଧନ୍ୟବାଦ ଦେଇଥିଲେ ।


ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ ଓ ଅନ୍ୟମାନେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଶିବିର

କୁଜଙ୍ଗ,୧୫।୪(ଡି.ଏନ୍.ଏ.)

କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିରରେ ବିଦ୍ୟାମନ୍ଦିରର ୬୨୦ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟଗତ ତ୍ରୁଟି ଥିବା ଶିଶୁଙ୍କ ଅଭିଭାବକମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ବିଦ୍ୟାଳୟ ସଭାପତି ରଜନୀକାନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଗୁରୁଜୀ ପ୍ରସନ୍ନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଏହାକୁ ଆୟୋଜନ କରାଯାଇଥିଲା। ଶିବିରରେ ଡାକ୍ତର ସୁଜିତ୍ କୁମାର ଲେଙ୍କା, ସୌମ୍ୟଶ୍ରୀ ମହାପାତ୍ର ଓ ଗାୟତ୍ରୀ ଜେନା ଯୋଗଦେଇ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯେଉଁ ଶିଶୁମାନଙ୍କର ରୋଗ ନିରୂପଣ କରାଗଲା ସେମାନଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲା ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବାକୁ ପରାମର୍ଶ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଗୁରୁମା ରୁନୁବାଳା ମହାପାତ୍ର ସଂଯୋଜନା କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

## ମା' ରାମଚଣ୍ଡୀଙ୍କ କିମ୍ବଦନ୍ତୀକୁ ନେଇ 'ଦରିଆରାଣୀ' ପୁସ୍ତକ ଉନ୍ମୋଚିତ

ମହାକାଳପଡ଼ା,୧୫।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗରର ପ୍ରସିଦ୍ଧ ଶକ୍ତି ପୀଠ ମା'ରାମଚଣ୍ଡୀ ମନ୍ଦିରରେ ଗୁରୁବାର ମହାବିଷୁବ ସଂକ୍ରାନ୍ତି ଅବସରରେ ପାରମ୍ପରିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ମା'ଙ୍କ ଐତିହ୍ୟ ଓ କିମ୍ବଦନ୍ତୀ ଉପରେ ପର୍ଯ୍ୟବସିତ 'ଦରିଆରାଣୀ ' ପୁସ୍ତକକୁ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ଟ୍ରଷ୍ଟି ମଠୁରୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କରୋନା କଟକଣା ଯୋଗୁ ପ୍ରଶାସନ ପକ୍ଷରୁ ଏହି ଯାତ୍ରା ଗତ ୨ ବର୍ଷ ହେବ ବନ୍ଦ ରହିଥିଲା। ଝାମୁଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହୋଇଥିଲା।

## ବିଦ୍ୟୁତ୍ ଶର୍ଟସର୍କିଟରେ ଜଳିଗଲା ଘର

ଆଳି,୧୫।୪(ଡି.ଏନ.ଏ.)

ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତର ଦିନେଶ ଜେନାଙ୍କ ଘରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଶୁକ୍ରବାର ପୂର୍ବାହ୍ଣରେ ଦିନେଶଙ୍କ ଘରେ ବିଦ୍ୟୁତ୍ ଶର୍ଟସର୍କିଟ ହୋଇଥିଲା। ନିଆଁକୁ ସ୍ଥାନୀୟଲୋକେ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଆଳି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଦିନେଶଙ୍କ ଦୁଇ ବଖରା ଘର ସମେତ ଘରେ ଥିବା ୫୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ଯାଇଛି।

## କଳା, ସାହିତ୍ୟ ଓ ସଂସ୍କୃତି ଗାଁ ସମ୍ପର୍କକୁ ମଜଭୁତ କରେ

ପଟ୍ଟାମୁଣ୍ଡାଇ,୧୫।୪(ସ୍ୱ.ପ୍ର.)

ସ୍ୱାର୍ଥସର୍ବସ୍ୱ ଦୁନିଆରେ ସମ୍ପର୍କର ମାନେ ତୁଚ୍ଛ ହୋଇଯାଇଛି। ଏଭଳି ସମୟରେ କଳା, ସାହିତ୍ୟ, ସଂସ୍କୃତି କେବଳ ଗାଁ ସମ୍ପର୍କକୁ ମଜଭୁତ କରେ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ 'ଆମ ସମ୍ପର୍କ' ସଙ୍ଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ କଷଣଅଣ୍ଡା ହାଇସ୍କୁଲ ପଡ଼ିଆରେ ଆୟୋଜିତ ସମାରୋହରେ ବିଶିଷ୍ଟ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି। ଏଥିରେ ସାହିତ୍ୟିକ ଅତନୁ ବଳ ପୌରୋହିତ୍ୟ କରିଥିବା ବେଳେ ପ୍ରାଧ୍ୟାପକ ରଞ୍ଜିତ କେଶରୀ ସେନାପତିଙ୍କ ସଂଯୋଜନାରେ ସମାରୋହ ହୋଇଥିଲା। ଏଥିରେ ପୂର୍ବତନ ଏମ୍ପି ଡ. ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି, ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ବକ୍ତା, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ନୂଆଦିଲ୍ଲୀ ପ୍ରବାସୀ ଓଡ଼ିଆ ସମାଜ ସମ୍ପାଦକ ବିଭୁ ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଆଜିର ସମୟର ଆହ୍ୱାନ ହୋଇପଡିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦେବ ପାତ୍ର ବାର୍ଷିକ ବିବରଣୀ ପାଠକରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଭା ଆରମ୍ଭରେ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ସହ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗାଳ୍ପିକ ପ୍ରଦୀପ ନାୟକ, କବି ପ୍ରମୋଦ ମଲ୍ଲିକ, ବର୍ଷିୟାନ କଳାକାର ପ୍ରମୋଦ ପ୍ରଧାନଙ୍କୁ ମାନପତ୍ର ସହ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା କବି ସଚିତ୍ର ବେହୁରା ଧନ୍ୟବାଦ ଦେଇଥିଲେ। ଏଥିରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।


ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ହଜିବାକୁ ବସିଲାଣି ଚଇତି ଘୋଡ଼ା ନାଚ ପରମ୍ପରା

ବିରିଡି, ୧୪।୪ (ଡି.ଏନ.ଏ)

ଉତ୍କୃଷ୍ଟ କଳାର ଦେଶ ବୋଲି ଖ୍ୟାତ ଓଡ଼ିଶା ପୂର୍ବେ ଉତ୍କଳ ନାମରେ ପରିଚିତ ଥିଲା। ଏହାର କଳା, କୀର୍ତ୍ତିରାଜି, ସଂସ୍କୃତି, ନୃତ୍ୟ ସଂଗୀତ ଲୋକକଥା ଓ ପରମ୍ପରା ସବୁ ଅନନ୍ୟ। ସେଥିରୁ ସତ୍ୟ ନାରାୟଣପାଲା, ଘୋଡା ନାଚ, ଦାସ କାଠିଆ ଗୀତ, ଘଣ୍ଟ ପାଟୁଆ ନାଚ, ସଖୀ ନାଚ, ଦଣ୍ଡନାଚ, କଣ୍ଢେଇ ନାଚ, କେଳା କେଲୁଣି ନାଚ ଇତ୍ୟାଦି ପାଇଁ ବିଶ୍ୱ ଦରବାରରେ ଓଡ଼ିଆଙ୍କୁ ସ୍ୱତନ୍ତ୍ର ସ୍ଥାନ ମିଳିଥିଲା। ଏସବୁ ମଧ୍ୟରେ ଚଇତି ଘୋଡା ନାଚ ନିଆରା। ଏହା ଓଡିଶାର କୈବର୍ତ୍ତ ସମ୍ପ୍ରଦାୟର ଏକ ପ୍ରମୁଖ ଲୋକନୃତ୍ୟ। ଅତୀତରେ ଏହି ନୃତ୍ୟ ସେମାନଙ୍କ ଜୀବନ ଜୀବିକା ସହ ଜଡ଼ିତ ଥିଲା। ମାତ୍ର ଏବେ ଏହି ପରମ୍ପରା କ୍ରମଶଃ ହଜିଯିବାକୁ ବସିଲାଣି।


ଘୋଡ଼ାନାଚ କଳା ପ୍ରଦର୍ଶନ କରୁଥିବା କଳାକାରମାନେ।

### ଚଇତି ନାଚ ପରମ୍ପରା

ଚଇତି ଘୋଡ଼ା ନାଚ ଚୈତ୍ର ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଏକ ମାସ ଧରି ଚାଲିଥାଏ। ଏହି ଦିନ କୈବର୍ତ୍ତ ଅବା ଧୀବରମାନେ ସେମାନଙ୍କର ଇଷ୍ଟ ଦେବୀ ମା'ବାସୁଳୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ବାରଖଣ୍ଡି ବାଉଁଶ ପାତିଆରେ ଘୋଡାର ଶରୀର ସଦୃଶ ଆକୃତି ନିର୍ମାଣ କରନ୍ତି। କୁସୁମ କାଠରେ ନିର୍ମିତ ଘୋଡାର ମୁଣ୍ଡକୁ ସେଥିରେ ମୁଣ୍ଡନ କରିଥାନ୍ତି। ପାଟ ବସ୍ତ୍ର ଦ୍ୱାରା ଘୋଡାର ଶରୀରକୁ ଆବୃତ୍ତ କରିବା ସହ ମସ୍ତକରେ ସୋଲର ମୁକୁଟ ଫୁଲ ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥାନ୍ତି। ପ୍ରଥମେ ଭୋଗ ରୂପେ ପୋଡ଼ା ମାଛ ମା'ଙ୍କୁ ଅର୍ପଣ କରାଯିବା ପରେ ପିଠାପଣା ଫଳମୂଳ ଇତ୍ୟାଦି ଅର୍ପଣ କରାଯାଇଥାଏ। ଏହାପରେ ନୃତ୍ୟ ପରିବେଷଣ କରାଯାଏ। ଏହି ନୃତ୍ୟ ସାଧାରଣତଃ ଗାୟକ ପାଳିଆ, ରାଉତ, ରାଉତାଣୀଙ୍କ ଦ୍ୱାରା ପରିବେଷଣ କରାଯାଏ। ଏଥିସହ ପାରମ୍ପରିକ ବାଦ୍ୟଯନ୍ତ୍ର ଯଥା ମହୁରି, ଢୋଲ ଓ ନାଗରା ଆଦି ବାଦ୍ୟ ବାଜିଥାଏ। ଏହା ଗାଁ ଦାଣ୍ଡକୁ ଉତ୍ସବ ମୁଖର କରିଦିଏ। ଗାୟକ ବିଭିନ୍ନ ପୌରାଣିକ ବିଷୟବସ୍ତୁ ଗୀତ ମାଧ୍ୟମରେ ଗାଉଥିବାବେଳେ ପାଳିଆ ପାଳି ଧରିଥାଏ। ରାଉତ ଓ ରାଉତାଣୀ ମନୋରଞ୍ଜନ ଧର୍ମୀ ଢଗଢମାଳି ଗୀତ ସହ ନୃତ୍ୟ ପରିବେଷଣ କରିଥାନ୍ତି। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନ ଥାଏ। ଏହି ସମୟରେ କୈବର୍ତ୍ତ ପୁରାଣ, କୈବର୍ତ୍ତ ଗୀତା, କୈବର୍ତ୍ତ ସଂହିତା, ରାମାୟଣ ଓ ମହାଭାରତ ଆଦି ବିଷୟବସ୍ତୁ ଉପରେ ଆଧାରିତ ନୃତ୍ୟ ପରିବେଷଣ କରାଯାଏ। ଏହାବ୍ୟତୀତ ସାମାଜିକ ସଂସ୍କାର ଧର୍ମୀ କାହାଣୀକୁ ମଧ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରାଯାଏ।

### କିମ୍ବଦନ୍ତୀ

ଐତିହାସିକ ଦୃଷ୍ଟି କୋଣରୁ ଦେଖିଲେ ଘୋଡା ନାଚର ଉତ୍ପତ୍ତି ସମ୍ବନ୍ଧରେ କୌଣସି ବିଧିବଦ୍ଧ ପ୍ରମାଣ ମିଳିପାରି ନାହିଁ। ଅନେକ ପୌରାଣିକ କିମ୍ବଦନ୍ତି ଓ ଲୋକ କଥା ସମ୍ବଳିତ ତଥ୍ୟ ଏହାର ଉତ୍ପତ୍ତି ବିଷୟରେ ଜନମାନସରୁ ଶୁଣିବାକୁ ମିଳେ। ପ୍ରଥମ କିମ୍ବଦନ୍ତୀ ଅନୁଯାୟୀ, ଅତୀତରେ କୈବର୍ତ୍ତମାନେ ଓଡ଼ିଶାର ରାଜାମାନଙ୍କ ନୌସେନାରେ କାର୍ଯ୍ୟ କରୁଥିଲେ। ଏଥିସହ ସୁଦୂର ଜାଭା, ସୁମାତ୍ରା ବାଲି ଓ ଇଣ୍ଡୋନେସିଆ ସହ ସେମାନଙ୍କ ବାଣିଜ୍ୟ ସମ୍ପର୍କ ଭଲ ଥିଲା। ସେଠାରୁ ସେମାନେ ନୌକାରେ ଘୋଡା ଆଣି ଓଡ଼ିଆ ପାଇକ ଓ ସାମନ୍ତମାନଙ୍କୁ ବିକ୍ରି କରୁଥିଲେ। ଏହାର ପୁରୁଣା ସ୍ମୃତିକୁ ମନେପକାଇ ଏହି ଘୋଡା ନାଚ ହୋଇଥାଏ। ଦ୍ୱିତୀୟ କିମ୍ବଦନ୍ତୀ ଅନୁଯାୟୀ, ରାଜା ପରାଶରଙ୍କ ରାଣୀ ଯୋଜନଗନ୍ଧାଙ୍କ ବାପା ଜଣେ କୈବର୍ତ୍ତ ରାଜା ଥିଲେ । ସେ ନାତି ବ୍ୟାସଦେବ ପାଇଁ ସୁଦୂର ବିନ୍ଧ୍ୟାଞ୍ଚଳରୁ ଏକ ଘୋଡା ଆଣିଥିଲେ। ଏହି ସ୍ମୃତିରୁ ଘୋଡା ନାଚ ପରମ୍ପରା ଆରମ୍ଭ ହୋଇଛି। ତୃତୀୟ ଲୋକକଥା ଅନୁଯାୟୀ, ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କୁ ନୌକା ପାର କରିଥିବା ଧୀବରକୁ ଏକ ଘୋଡା ଦ୍ୱାରା ପ୍ରଭୁ ପୁରସ୍କୃତ କରିଥିଲେ। ସେଦିନ ଥିଲା ଚୈତ୍ର ପୂର୍ଣ୍ଣମୀ। ସେବେଠାରୁ ଧୀବରମାନେ ଏହି ପର୍ବ ପାଳନ କରିଆସୁଛନ୍ତି। କୁଳ ପରମ୍ପରାକୁ ଆଦରି ଅନେକ କଳାକାର ଏଥିସହ ସମ୍ପୃକ୍ତ ଥିବାବେଳେ ଏବେ ଏଠାରୁ ଦୂରେଇ ଯାଉଛନ୍ତି ଯୁବ ପିଢି। ଆଧୁନିକତାର ଛାପରେ ସେମାନେ ଏହି ପରମ୍ପରାକୁ ଭୁଲି ଯିବାକୁ ବସିଲେଣି। ଏହାବ୍ୟତୀତ କଳାକାରମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ, ସରକାରୀ ପ୍ରୋତ୍ସାହନର ଅଭାବ ଓ ଆର୍ଥିକ ଦୁର୍ଗତି ଯୋଗୁ ଏହି ଲୋକନୃତ୍ୟ ହଜିଯିବାକୁ ବସିଛି। ଏହାକୁ ବଞ୍ଚାଇ ରଖିବାପାଇଁ ସରକାରୀ ଓ ବେସରକାରୀସ୍ତରରେ ପ୍ରୟାସ ହେବା ଆବଶ୍ୟକ।

ଏ ସମ୍ବନ୍ଧରେ କୈବର୍ତ୍ତ ସମ୍ପ୍ରଦାୟର ଶଙ୍ଖାରିସାହି ଗ୍ରାମର ଗାୟକ ବାବୁଲି ବେହେରା, ଝରେନ୍ଦ୍ର ବେହେରା, ବରାହପୁର ଗ୍ରାମର ସୁରତ ବେହେରା, ହାଜିପୁର ଗ୍ରାମର ସୋବନି ବେହେରା, ନିରଞ୍ଜନ ବେହେରା କୁହନ୍ତି, ଆଗରୁ ବାପା ଅଜାଙ୍କ ସମୟରେ ମା'ବାସୁଳୀଙ୍କ ପୁଜାର୍ଚ୍ଚନା ସହ ଘୋଡା ନାଚ କରାଯାଉଥିଲା। ଏବେ କିଛି ଜାଗାରେ ଏହି ପରମ୍ପରା ବଞ୍ଚିଥିବାବେଳେ ଅନେକ ସ୍ଥାନରେ ଏହା ଆଉ ଦେଖିବାକୁ ମିଳୁନାହିଁ। ଏଥିରେ ମୁଖ୍ୟତଃ ଅର୍ଥ ବାଧକ ସାଜିଛି। ଏ ସମ୍ପର୍କରେ ବିରିଡି ବିଡିଓ ହେମନ୍ତ କୁମାର ମହାନ୍ତି କୁହନ୍ତି, କେବଳ ଏହି ଶ୍ରେଣୀୟ ଗାୟକ, ପାଳିଆ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ପାଖରୁ ଭତ୍ତା ପ୍ରଦାନ କରାଯାଉଛି। ଦୈବୀ ଦୁର୍ବିପାକ ସମୟରେ ଏହି ଶ୍ରେଣୀୟ ଲୋକମାନଙ୍କୁ ସେମାନଙ୍କର ଡଙ୍ଗା ଓ ଜାଲ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ମଧ ପ୍ରଦାନ କରାଯାଉଛି।

## ଅସହାୟ ବୃଦ୍ଧାଙ୍କୁ ଘରେ ଛାଡ଼ିଲେ ସରପଞ୍ଚ

ପାଣିକୋଇଲି,(ଡି.ଏନ.ଏ.): କୋରେଇ ବ୍ଲକ ଅଧୀନ ବଡ଼ବିରୁହାଁ ଗ୍ରାମର ଜଣେ ଶତାୟୁ ବୃଦ୍ଧା ଘରୁ ଆସି ପାଣିକୋଇଲି ମା’ ତାରିଣୀ ମନ୍ଦିର ପାଖରେ ଆଶ୍ରୟ ନେଇଥିଲେ। ଅସହାୟ ଅବସ୍ଥାରେ ମହିଳା ଜଣଙ୍କ ରହୁଥିବା ଖବର ପାଇ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ତାଙ୍କ ନିକଟରେ ପହଞ୍ଚି ଘର ଠିକଣା ବୁଝିଥିଲେ। ପରେ ଏକ ଗାଡି କରି ନେଇ ବୃଦ୍ଧାଙ୍କୁ ତାଙ୍କ ପରିବାର ନିକଟରେ ନେଇ ପହଞ୍ଚାଇଛନ୍ତି। ସରପଞ୍ଚଙ୍କ ଏଭଳି ମହାନୀୟତାକୁ ସାଧାରଣରେ ପ୍ରଶଂସା କରାଯାଇଛି।



## ସଂକ୍ଷେପରେ

### ଆଜିଠୁ ଭୋଟକା ହିଙ୍ଗୁଳାଙ୍କ ଯଜ୍ଞ

ରସୁଲପୁର,୧୫।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତସ୍ଥିତ ବଇଁଚ ପଡ଼ିଆରେ ପୂଜା ପାଉଥିବା ମା’ ହିଙ୍ଗୁଳାଙ୍କ ୬୩ତମ ଯଜ୍ଞୋତ୍ସବ ଶନିବାରଠାରୁ ଆରମ୍ଭ ହେବ। ଏଥିପାଇଁ ହିଙ୍ଗୁଳା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି ଯଜ୍ଞ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ। ମା’ଙ୍କୁ ଆରାଧ ଦେବୀଭାବେ ପୂଜା କରୁଥିବା ୨୨ଖଣ୍ଡ ମୌଜାରେ ଆମିଷ ପ୍ରବେଶ ନିଷେଧ ହେବ। ପ୍ରତ୍ୟେକ ଗାଁର ଗ୍ରାମଦେବୀଙ୍କ ନିକଟରେ ସପ୍ତାହକ ପୂର୍ବରୁ ଜନ୍ତାଳ ପୂଜା ସମ୍ପନ୍ନ ହୋଇସାରିଛି। ପୂଜା ଅବସରରେ ମା’ଙ୍କୁ ନାନା ବେଶରେ ଭୂଷିତ କରାଯିବ। ଏହି ସମୟରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେବ। ଏଥିଲାଗି ପରିଚାଳନା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି କମିଟି ସଭାପତି ରମାକାନ୍ତ ଦାସ ଓ ସମ୍ପାଦକ ଶଶିଭୂଷଣ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି। ମା’ଙ୍କ ପୀଠରେ ଚଳିତବର୍ଷ ଯାତ୍ରା ପରିବେଷଣ କରାଯିବ। କରୋନା ଯୋଗୁ ୨ବର୍ଷ ହେଲା ଯାତ୍ରା ବନ୍ଦ ଥିଲା।

### ରାଜପଥରେ ଓଲଟିଲା ମାଛ ବୋଝେଇ ଗାଡ଼ି

ପାଣିକୋଇଲି,୧୫।୪(ଡି.ଏନ.ଏ.): ପାଣିକୋଇଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଗଜାନନ ହୋଟେଲ ନିକଟରେ ଗୁରୁବାର ରାତିରେ ଏକ ମାଛ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡ଼ିଟି ଭାଙ୍ଗି ଚୂରମାର ହୋଇଯାଇଛି। ଗୋପାଳପୁରରୁ ଦୀଘା ଅଭିମୁଖେ ଏହି ମାଛ ଗାଡ଼ି ଯାଉଥିଲା। ତେବେ ହୋଟେଲ ସମ୍ମୁଖ ରାସ୍ତାକଡ଼ରେ ଅଟକି ଥିବା ଏକ ଗାଡ଼ି ପଛରେ ଭାରସାମ୍ୟ ହରାଇ ମାଛ ଗାଡ଼ିଟି ପିଟି ହୋଇଥିଲା। ଏହାର ସୁଯୋଗରେ ଲୋକେ ମାଛ ଲୁଟିବାରେ ଲାଗି ପଡ଼ିଥିଲେ। ପୋଲିସ ପହଞ୍ଚିବାରୁ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

### ହନୁମାନ ଜୟନ୍ତୀ, ବିଷୁବ ସଂକ୍ରାନ୍ତି ପାଳିତ

ଧର୍ମଶାଳା,୧୫।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଶଙ୍ଖାରିଡ଼ିହ ଶ୍ରୀହନୁମାନ ମନ୍ଦିରଠାରେ ବାବା ରାଘବାନନ୍ଦ ମହାରାଜଙ୍କଦ୍ୱାରା ସୁନ୍ଦରକାଣ୍ଡ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ଅବସରପ୍ରାପ୍ତ ସିଡିଏମ୍ଓ ଡା. ବିଜୟ କୁମାର ଶତପଥୀ, ପ୍ରଦୀପ୍ତ କୁମାର ବରାଳ, ଅର୍ଜୁନ ସାହୁ, କାହ୍ନୁଚରଣ ଦାଶ, ନୃସିଂହ ତ୍ରିପାଠୀ, ବିଷ୍ଣୁଚରଣ ରାଉତ ଓ ହରିବଲ୍ଲଭ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

### ଓଡ଼ିଆ ନବବର୍ଷ ପାଳିତ

ଧର୍ମଶାଳା,୧୫।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ବିଷୁବ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ବିଜୟ କୁମାର ଶତପଥୀ ଓ ମୁଖ୍ୟବକ୍ତା ସ୍ତମ୍ଭକାର ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ସମ୍ପାଦକ ହୃଷୀକେଶ ସାମଲ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମିତିସଭ୍ୟ ସନ୍ତୋଷ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ମିନତୀ ସାହୁଙ୍କ ପୌରୋହିତ୍ୟରେ ବିଷୁବ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣ ନନ୍ଦ, ପ୍ରହଲାଦ ପଣ୍ଡା, ପ୍ରଦୀପ କୁମାର ସାମଲ ଓ ସୁବାସଚନ୍ଦ୍ର ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ବିଷାକ୍ତ ପାଣି ନେଉଛି ଜୀବନ

ଯାଜପୁର ଅଫିସ,୧୫।୪

ଖଣି ଅଞ୍ଚଳରେ ଭୂତଳ ଓ ପ୍ରବାହିତ ଜଳ ପ୍ରଦୂଷିତ ହେବାରେ ଲାଗିଛି । ତାକୁ ରୋକିବାକୁ କେହି ନାହାନ୍ତି । ଶିଳ୍ପ, ଖଣି ମାଲିକଙ୍କୁ ସବୁ ପ୍ରକାର ସୁବିଧା ଓ ସୁଯୋଗ ଦିଆଯାଉଛି । ଖଣି ପ୍ରବାହିତ ଲୋକଙ୍କ ସହିତ ସେଠାରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ସମସ୍ୟା ପ୍ରତି ଅଣଦେଖା କରାଯାଉଛି । ପ୍ରଦୂଷିତ ଜଳ ପିଇ ବହୁ ଲୋକ କିଡ୍‌ନୀ ପରି ମାରାତ୍ମକ ରୋଗରେ ପୀଡ଼ିତ ହେଉଛନ୍ତି । ଏପରି ସ୍ଥିତିରେ ଅଣଓଡିଆ ଠିକାସଂସ୍ଥାରେ କାମ କରି ବହୁ ଖଣି ଶ୍ରମିକ ଓ କର୍ମଚାରୀ ଛଟେଇ ହୋଇ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି। ଏପରି ବିଭିନ୍ନ କାରଣରୁ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଗତ ଦେଢ ବର୍ଷରେ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟି ବେଳେ ଏବେ ଶତାଧିକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି।

୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ସୁକିନ୍ଦା ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହିତ ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫ୍‌ସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ଜଣା ପଡିଥିଲା । ଏହାପରେ ରାଜ୍ୟ



ଖଣିରୁ ବାହାରୁଥିବା ବିଷାକ୍ତ ପାଣି।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସଦସ୍ୟ ସଚିବ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପୁଣି ୨୦୧୯-୨୦ ବର୍ଷରେ ହୋଇଥିବା ପରୀକ୍ଷା ରିପୋର୍ଟରେ ୭୪୪ ଜନବସତି ଅଞ୍ଚଳରୁ ୭୪୨ ଜନବସତିରେ ଭୂତଳ ଜଳରେ ଆଇରନ ଅଂଶ ଅଧିକ ରହିଥିବା ସୂଚନା ମିଳିଥିଲା। ଆଇରନ ସହ ଅନ୍ୟାନ୍ୟ ବିଷାକ୍ତ ବସ୍ତୁ ରହିଥିବା ପ୍ରମାଣିତ ହୋଇଥିଲେ ହେଁ ପ୍ରଶାସନସ୍ତରରେ ଉପଯୁକ୍ତ ଭାବେ ପ୍ରତିକାର ବ୍ୟବସ୍ଥା ହୋଇ ନ ଥିବାରୁ ସଂପୃକ୍ତ ଜନବସତି ଅଞ୍ଚଳରେ କିଡ୍‌ନି ରୋଗୀ ସଂଖ୍ୟା ବଢୁଥିବା ସାଧାରଣରେ ମତପ୍ରକାଶ ପାଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲୁଏସ୍‌ଏସ୍) ପକ୍ଷରୁ ଜଳର ମାତ୍ରା ବା ଉତ୍କର୍ଷରସ୍ତର ସମ୍ପର୍କରେ ହୋଇଥିବା ବାର୍ଷିକ ଡାଟା ଅପଡେଶନ (ୱାଇଡିୟୁ) ରିପୋର୍ଟ ଅନୁଯାୟୀ ଯାଜପୁର ଜିଲାରେ ୧୬,୩୩୦ ସୋର୍ସେସ(ଉତ୍ସ)ଗୁଡିକ ରହିଛି । ୨୦୧୯-୨୦ ବର୍ଷରେ ୫୮୬୯ଟି ଜଳ ଉତ୍ସର ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ

### ଖଣି,ଶିଳ୍ପ ଅଞ୍ଚଳରେ ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

୭୪୪ ଜନବସତିର ଉତ୍ସ ପ୍ରଦୂଷିତ ବୋଲି ପରୀକ୍ଷା ରିପୋର୍ଟରେ ଦର୍ଶାଯାଇଥିଲା । ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ପ୍ରଚୁର ମେଟ୍ରିକ ଟନ୍ କ୍ରୋମାଇଟ ଗଚ୍ଛିତ ରହିଛି । ଏହି ପ୍ରାକୃତିକ ସମ୍ପଦକୁ ବିଭିନ୍ନ ଖଣି ସଂସ୍ଥା ଗତ ୭ ଦଶନ୍ଧି ହେଲା ଉତ୍ତୋଳନ କରି ଆସୁଛନ୍ତି । ଏହାସହ ଖଣି ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁ ଶିଳ୍ପ କାରଖାନା ଗଢି ଉଠିଛି । କିନ୍ତୁ ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ଖଣି ସଂସ୍ଥାମାନେ କାହାରି ବୋଲ ମାନୁ ନାହାନ୍ତି । ଫଳରେ ଭୂପୃଷ୍ଠ ଜଳ ସହିତ ଭୂତଳ ଜଳ ମଧ୍ୟ ଜହର ହେବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି।

ଆରଡବ୍ଲୁଏସ୍‌ଏସ୍ ବ୍ୟତୀତ ୨୦୧୮ ଅକ୍ଟୋବର ଓ ଏପ୍ରିଲରେ ଏସ୍‌ପିସିବି ପକ୍ଷରୁ ଭୂତଳ ଜଳ ନମୁନା ପରୀକ୍ଷା ହୋଇଥିଲା । ଏଥିରେ ଯାଜପୁର ଜିଲାର ଖଣି ଅଞ୍ଚଳ ସାରୁଆବିଲ ଓ କମର୍ଦ୍ଦା ନିକଟସ୍ଥ ଭୂତଳ ଜଳରେ ଆଇରନ ଅଂଶ ବେଶୀ ରହିଥିବା ଜଣାପଡିଥିଲା । ପରୀକ୍ଷା ରିପୋର୍ଟ ଅନୁସାରେ ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ପ୍ରତି ଲିଟରରେ ୨.୬୨୧ ମିଲିଗ୍ରାମ ଆଇରନ ଅଂଶ ରହିଥିଲା । ସେହିପରି କମର୍ଦ୍ଦା ଅଞ୍ଚଳର ଭୂତଳ ଜଳରେ ଲିଟର ପିଛା ୫.୩୨୪ ମିଲିଗ୍ରାମ ଆଇରନ ଅଂଶ ମିଳିଥିଲା । ଏହି କାରଣରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ଭୂପୃଷ୍ଠ ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ଏସ୍‌ପିସିବିର ସଦସ୍ୟ ସଚିବ ସୂଚିତ କରିଥିଲେ । ଏଥିଯୋଗୁ ଜିଲାର ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ଗତ ଦେଢ ବର୍ଷରେ ଦେହୁରୀସାହିର ମୋଚିରାମ ଦେହୁରୀ(୫୦), ଡମଶାଳା ନାଳକୂଳର ନିହାର ରଞ୍ଜନ ମହାନ୍ତ(୪୫), ଚିରିଗୁଣିଆ ଗ୍ରାମର ବଂଶୀ ଚାମ୍ପିଆ(୫୫), ବିର୍ସାନଗର ବସ୍ତିର ବୁଲୁ ନାୟକ(୩୩), ବୁଦୁନି ମାଝି(୬୨) ଓ ସୁବାସ ପୂର୍ତ୍ତି(୩୫), ପୁରୁଣାପାଣିର ନାନୁ ଚାଖି(୩୮), ଗଣେଶ୍ୱର ଗାଗରାଇ(୪୫), ବିକ୍ରମ କେରାଇ(୬୪), ଓଏମ୍‌ସି କଲୋନୀର ବାସନ୍ତୀ ମାଝି(୫୧), ମୁଣ୍ଡସାହିର ଜମାଦାର ଗାଗରାଇ(୬୧), ଚିରଗୁଣିଆ ବସ୍ତିର ମେଘରାୟ ହାଁସଦା(୪୨), ଦୁଃଖିଆ ଓରାମ(୫୬), ରୋଗୀ ମଞ୍ଜୁ(୫୦)ପ୍ରମୁଖଙ୍କ ମୃତ୍ୟୁ ହୋଇଛି। ଖଣି ଓ ଶିଳ୍ପାଞ୍ଚଳରେ ବୋହି ଯାଉଥିବା ପାଣିର ଉପଯୁକ୍ତ ପରିଚାଳନା ହୋଇ ପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି।

### ୩ ବେଶରେ ଦର୍ଶନ ଦେଲେ ନାରାୟଣ ଗୋସାଇଁ



ରସୁଲପୁର,୧୫।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହାପୁର ଯାତ୍ରା ପାଇଁ ଚଳଚଞ୍ଚଳ ହୋଇଛି ବ୍ଲକ ଅଞ୍ଚଳ। ୨ବର୍ଷ କରୋନା କଟକଣା ପରେ ଏଥର ଯାତ୍ରା ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଅଦ୍ଭୁତ ଭିଡ ପରିଲକ୍ଷିତ ହୋଇଛି। ଠାକୁର ପାଣିରୁ ବାହାରି ସ୍ଥଳାସନରେ ବିରାଜିତ ହୋଇଛନ୍ତି। ୩ଦିନ ପରେ ପ୍ରଭୁ ପୁଣି ଜଳାସନକୁ ବାହୁଡି ଯିବେ। ତେବେ ଏହାକୁ ଭକ୍ତମାନେ ସୁଯୋଗ ବୋଲି କହୁଛନ୍ତି। ଠାକୁରଙ୍କୁ ଦର୍ଶନ କରି ନ ପାରିଲେ ଆରବରଷକୁ ଅପେକ୍ଷା କରିବାକୁ ପଡ଼ିବ। ଗୁରୁବାର ପୂଜକ ଠାକୁରଙ୍କୁ ୩ଟି ବେଶରେ ଭୂଷିତ କରିଥିଲେ। ସକାଳେ ଠାକୁର ଭକ୍ତଙ୍କୁ ବାମନ ବେଶରେ ଦର୍ଶନ ଦେଇଥିଲେ। ମଧ୍ୟାହ୍ନରେ ପର୍ଶୁରାମ ଓ ସନ୍ଧ୍ୟାରେ ଗଜଉଦ୍ଧାରଣ ବେଶରେ ଦର୍ଶନ ଦେଇଛନ୍ତି। ସକାଳ ଓ ସନ୍ଧ୍ୟାରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ବିଶେଷ ଗହଳି ରହୁଛି। ଚଳିତବର୍ଷ ଯାତ୍ରାରେ ବ୍ୟବସାୟୀଙ୍କ ଭଲ ବ୍ୟବସାୟ ହେବ ବୋଲି ଆଶାପୋଷଣ କରାଯାଉଛି। ତେବେ ଯାତ୍ରାକୁ ଶୃଙ୍ଖଳାର ସହ ପାଳନ ପାଇଁ ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଛି।

# ଓଏମ୍‌ସି, ଟାଟା ଷ୍ଟିଲ୍ ପକ୍ଷରୁ ଖଣି ସୁରକ୍ଷା ସପ୍ତାହ



ଟାଟା ଷ୍ଟିଲ୍ ପକ୍ଷରୁ ଅନୁଷ୍ଠିତ ଖଣି ସୁରକ୍ଷା ସପ୍ତାହରେ ଯୋଗ ଦେଇଥିବା ଅତିଥି।

କାଳିଆପାଣି,୧୫।୪(ଡି.ଏନ.ଏ.)

ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ ଓ ଗ୍ରାନାଇଟ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଖଣି ସୁରକ୍ଷା ସପ୍ତାହ ବିଭିନ୍ନ ଖଣି ପକ୍ଷରୁ ପାଳିତ ହୋଇଯାଇଛି। ଏହିକ୍ରମରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ସୁକ୍ରୁଙ୍ଗୀ ଖଣିରେ ୧୩ ତାରିଖରେ ଖଣି ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏଥିରେ ଖଣି ସୁରକ୍ଷା ନିର୍ଦ୍ଦେଶକ ତଥା ଖଣି ସୁରକ୍ଷା ସପ୍ତାହର ଅଧ୍ୟକ୍ଷ କ୍ରିଷେନ୍ଦୁ ମଣ୍ଡଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। ତାଙ୍କ ପରିଦର୍ଶନ ଟିମ୍ ସହଯୋଗୀ ଖଣି ପରିଦର୍ଶନ କରିବା ସହ ସଭାରେ ଯୋଗ ଦେଇଥିଲ। ପରେ ଖଣି ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଖଣି ପରିଚାଳକ ମାୟାଧର ପାତ୍ର ସୁରକ୍ଷାକୁ ନେଇ ସମସ୍ତେ ସଚେତନ ରହିବାକୁ ଅନୁରୋଧ କରିଥିଲେ।

ସେହିପରି ସୁକିନ୍ଦା ଟାଟା ଷ୍ଟିଲ୍ ମାଇନିଂ ଖଣିରେ ଖଣି ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏଥିରେ ନାଲ୍‌କୋ ମାଇନ୍ସର ଜିଏମ୍ ପୁରୁଷୋତ୍ତମ ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମହାନ୍ତଙ୍କ ନେତୃତ୍ୱରେ ଏକ ପରିଦର୍ଶନ ଟିମ୍ ଖଣି ପରିଦର୍ଶନ କରିବା ପରେ କାଟେପୂର୍ତ୍ତି ଅଡିଟୋରିୟମରେ ଆୟୋଜିତ ପ୍ରଦର୍ଶନୀ ମେଳାରେ ବୁଲି ପ୍ରକଳ୍ପ ଦେଖିଥିଲେ। ଖଣି ପରିଚାଳକ ଏସ୍.ଏମ୍. ଝାଙ୍କ ସଭାପତିରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଛୋଟ ପିଲାଙ୍କ ଦ୍ୱାରା ସୁରକ୍ଷା ସମ୍ବନ୍ଧୀୟ ଡ୍ରାମା ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ମହାନ୍ତ ଓ ସମ୍ମାନିତ ଅତିଥି ଟାଟା ଷ୍ଟିଲ ମାଇନିଂର ଜିଏମ୍ ସୁଶାନ୍ତ କୁମାର ମିଶ୍ର ସୁରକ୍ଷାକୁ ପ୍ରାଥମିକତା ଦେଇ ଦୁର୍ଘଟଣା ଶୂନ ଖଣି କରିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ସଞ୍ଜୀବ ସାହୁ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିଘାଟ ଗୋଡ଼ା ନିର୍ମାଣକୁ ବିରୋଧ

ପାଣିକୋଇଲି,୧୫।୪(ଡି.ଏନ.ଏ.)

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତଟି ବୈତରଣୀ ନଦୀବନ୍ଧ କଡ଼ରେ ଅବସ୍ଥିତ। ତେବେ ବାଲିଗାଡ଼ି ଚଳାଚଳ ଫଳରେ ବନ୍ୟା ସମୟରେ ବନ୍ଧ ଭାଙ୍ଗିବାର ସୁଯୋଗ ସୃଷ୍ଟି ହେଉଛି। ଏପରି କି ଧନତ୍ରୀ ବାଲିଘାଟ ପାଇଁ ରଣପାଳ ନିକଟରେ ବନ୍ଧରେ ମାଟି ପକାଯାଇ ଏକ ଗୋଡ଼ା ନିର୍ମାଣ କରାଯାଇଛି। ଶୁକ୍ରବାର ପୁଣି ଧନତ୍ରୀ ଗ୍ରାମ ନିକଟରେ ବେଆଇନ ଭାବେ ବିନା ଅନୁମତିରେ ଭାରିଯାନ ଚଳାଚଳ ପାଇଁ ଗୋଡ଼ା ନିର୍ମାଣ କରାଯାଉଥିବାବେଳେ ଗ୍ରାମବାସୀ ତାହାକୁ ବିରୋଧ କରିଛନ୍ତି। ବନ୍ଧରେ ମାଟି ପକାଇ ନଦୀପଠାକୁ ଗୋଡ଼ା କରାଯିବାବେଳେ ଶତାଧିକ ଗ୍ରାମବାସୀ ସେମାନଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ଗୋଡା ନିର୍ମାଣକୁ ବିରୋଧ କରିଥିଲେ। ବହୁ ଲୋକଙ୍କ ବିରୋଧ ଦେଖି ଗୋଡ଼ା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ପରେ ଅଶାନ୍ତ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ଜଳସେଚନ ଓ ରାଜସ୍ୱ ବିଭାଗ ମିଳିତଭାବେ ସ୍ଥିତି ଅନୁଧ୍ୟାନ କରି ଉଚିତ ପଦକ୍ଷେପ ଗ୍ରହଣ ନ କେଲ ବାଲିଘାଟ ପାଇଁ ମୂଳାପାଳ ପଞ୍ଚାୟତ ଅଶାନ୍ତ ରହିବ। ଏଥିସହିତ ବର୍ଷାଦିନେ ବନ୍ଧ ଭାଙ୍ଗିବାର ସମ୍ଭାବନା ମଧ୍ୟ ସୃଷ୍ଟି ହେବ ବୋଲି କୁହାଯାଉଛି।

### ଶୁଭେଚ୍ଛା ପୋଷ୍ଟର ଚିରାକୁ ନେଇ ଆକ୍ରମଣ, ଜଣେ ଗୁରୁତର

ରସୁଲପୁର,୧୫।୪(ଡି.ଏନ.ଏ.)

କୁଆଖିଆ ଥାନା କଳଣ ପଞ୍ଚାୟତ ସରବଣା ଗ୍ରାମରେ ଏକ ଶୁଭେଚ୍ଛା ବ୍ୟାନର ଚିରାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗ୍ରାମରେ ଲାଗିଥିବା ପୋଷ୍ଟରକୁ ଗୁରୁବାର ରାତି ପ୍ରାୟ ୧୧ଟାରେ ସେହି ଗ୍ରାମର ଗଜେନ୍ଦ୍ର ନାୟକ ଓ ଲିପୁନ ନାୟକ ଚିରୁଥିଲେ। ତେବେ ସେହି ବାଟଦେଇ ଗ୍ରାମର ଅମିୟ ରଞ୍ଜନ ଜେନା, ପ୍ରକାଶ କୁମାର ମଲ୍ଲିକ ଘରକୁ ଫେରୁଥିବା ବେଳେ ଏହି ଦୃଶ୍ୟ ଦେଖିଥିଲେ। ତେବେ ସେମାନେ ଏକଥା ଅନ୍ୟ କାହା ଆଗରେ ପ୍ରକାଶ କରିଦେବେ ଆଶଙ୍କାକରି ଲିପୁନ ଓ କଳାକାର ନାୟକ ଅମିୟଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପରିବାର ଲୋକଙ୍କ ସହ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଆକ୍ରମଣକାରୀ ଫେରାର ହୋଇ ଯାଇଥିଲେ। ଘଟଣାସ୍ଥଳରୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଅମିୟଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପୋଲିସ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି। ଥାନାରେ ଆହତ ଯୁବକଙ୍କ ବାପା ଅଧୀର ଜେନା ଅଭିଯୋଗ କରିଛନ୍ତି। ଏନେଇ ନଂ.୧୪୦/୨୨ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଥାନାରେ ବହୁ ମାମଲା ରହିଛି ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ହିନ୍ଦ୍‌ୱାର କମ୍ପାନୀ ଶୋ’ରୁମ୍ ଉଦ୍‌ଘାଟିତ

ରସୁଲପୁର,୧୫।୪(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର କୁଆଖିଆ ବଜାରର ମଧୁବନ ରୋଡ୍ ସୌଭାଗ୍ୟ ମାର୍କେଟ କମ୍ପ୍ଲେକ୍ସଠାରେ ସାହୁ ଟ୍ରେଡର୍ସ ଆନୁକୂଲ୍ୟରେ ହିନ୍ଦ୍‌ୱାର କମ୍ପାନୀ ଶୋରୁମ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି କମ୍ପାନୀର ଜୋନାଲ ମ୍ୟାନେଜର ଭିମଲ ସିଂଗାରୀ, ରଞ୍ଜିତ ସିହ୍ନା, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଡିଓ ଉମାକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଶୋରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲାରେ ପ୍ରଥମ ଥର ଏଭଳି ଶୋରୁମ ଖୋଲାଯାଇଛି ବୋଲି ଟ୍ରେଡର୍ସର ପ୍ରୋପ୍ରାଇଟର ସାଧୁଚରଣ ସାହୁ ଓ ପିଣ୍ଟୁ ସାହୁ ସୂଚନା ଦେଇଛନ୍ତି। ଶୋରୁମରେ ଗ୍ରାହକଙ୍କୁ ଗାଧୁଆ ଘରର ବ୍ୟବହୃତ ସମସ୍ତ ସାମଗ୍ରୀ ସୁଲଭ ଦରରେ ମିଳିପାରିବ। ଉକ୍ତ ଶୋରୁମ୍‌ରେ ହିନ୍ଦ୍‌ୱାରର ବ୍ରାଣ୍ଡ ସାମଗ୍ରୀ ଉପଲବ୍ଧ ହେବ। ଏହି ସ୍ଥାନରୁ ସମଗ୍ର ଜିଲା ଓ ଜିଲା ବାହାରର ଗ୍ରାହକଙ୍କ ପାଇଁ ବ୍ୟବସାୟିକ ସୁବିଧା ହୋଲ୍‌ସେଲ୍ ଦରରେ ପ୍ରଦାନ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିକାଶ ସାହୁ ଓ ଶୋରୁମ୍ କର୍ମଚାରୀ ସହଯୋଗ କରିଥିଲେ।



ଅତିଥି ହିନ୍ଦ୍‌ୱାର କମ୍ପାନୀ ଶୋ’ରୁମ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ବାଲି ବ୍ୟବସାୟୀଙ୍କ ହତ୍ୟା ଧମକ

ଯାଜପୁର ଅଫିସ,୧୫।୪

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ବିରୂପା ଆଦି ନଦୀକୂଳରେ ବେଆଇନ ବାଲି ଉତ୍ତୋଳନ ବୃଦ୍ଧି ପାଇଛି। ପଞ୍ଚାୟତ ନିର୍ବାଚନ ପରେ ଏହି ବେଆଇନ କାରବାର ବଢ଼ିବା ଯୋଗୁ ଜିଲାର ବିଭିନ୍ନସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ବିଞ୍ଝାରପୁର ଥାନା ବଗମରା ଘାଟ ନିକଟରେ ବାଲି ମାଫିଆଙ୍କ ବୋମାମାଡ଼ରେ ସୁରେନ୍ଦ୍ର ଦାସଙ୍କ ମୃତ୍ୟୁ ଘଟଣା ମାସେ ନ ବିତୁଣୁ ଏହି ଥାନା ସୟଦପୁର ପଞ୍ଚାୟତରେ ବାଲିମାଫିଆ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦେଇଛନ୍ତି।

ସୟଦପୁର ପଞ୍ଚାୟତ ପଠାନମହଲାଠାରେ ଖରସ୍ରୋତା ନଦୀରୁ କେତେଜଣ ବ୍ୟବସାୟୀ ନିୟମିତ ଚୋରା ବାଲି ଚାଲାଣ କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ ଆସିଫ୍ ଖାଁଙ୍କ ନଦୀପଠା ଜମି ଉପରେ ନିୟମିତ ଭାବେ ଟ୍ରାକ୍ଟର ଓ ହାଇୱା ଦେଇ ବାଲି ଉଠାଣ କରୁଥିବାରୁ ସେ ପ୍ରତିବାଦ କରିଥିଲେ। ଏହାପରେ ବାଲି ବ୍ୟବସାୟ କରୁଥିବା ଅସଫର ଅଲି ଖାଁ, ଅସଲମ ଖାଁ ଓ ନୂର ମହମ୍ମଦ ଖାଁ ପ୍ରମୁଖ ତାଙ୍କୁ ହତ୍ୟା ଧମକ ଦେଇଛନ୍ତି ବୋଲି ଆସିଫ୍ ଥାନାରେ ଅଭିଯୋଗ କରିଛନ୍ତି। ବେଆଇନ ବାଲି ବ୍ୟବସାୟୀ ତାଙ୍କୁ ବଗମରା ଘଟଣା ଭଳି ବୋମା ପକାଇ ହତ୍ୟା କରିବେ ବୋଲି ଧମକ ଦେଇଛନ୍ତି ବୋଲି ଆସିଫ୍ ଥାନାରେ ଲିଖିତ ଅଭିଯୋଗ କରିବା ସହ ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଆସିଫ୍‌ଙ୍କ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

### ଥାନାରେ ଲିଖିତ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ସୂଚନାଯୋଗ୍ୟ, ପଠାନମହାଲାଠାରେ ଖରସ୍ରୋତା ନଦୀର ବାଲିଘାଟ ନିଲାମ ହୋଇ ନ ଥିବା ବେଳେ ଏଠାରୁ ଦୈନିକ ଶତାଧିକ ଟ୍ରିପ ବାଲି ବେଆଇନ ଭାବେ ଚାଲାଣ ହେଉଛି। ବ୍ୟବସାୟୀ ତହସିଲ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବାଲି ଲୁଟ୍ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବଗମରା ଘାଟ ଭଳି ଏଠାରେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଦେଖା ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଏସଂକ୍ରାନ୍ତରେ ପୋଲିସର ପ୍ରତିକ୍ରିୟା ମିଳିନାହିଁ। ତେବେ ବେଆଇନ ବାଲିଘାଟ ତୁରନ୍ତ ବନ୍ଦ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ‘ସ୍ୱାଧୀନତା ସଂଗ୍ରାମରେ ଯାଜପୁର ଜିଲା’ ପୁସ୍ତକ ଉନ୍ମୋଚିତ

ଯାଜପୁର ଟାଉନ,୧୫।୪(ଡି.ଏନ.ଏ.)

ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ବିଜୟ କିଶୋର ସାମଲଙ୍କ ଦ୍ୱାରା ରଚିତ ‘ସ୍ୱାଧୀନତା ସଂଗ୍ରାମରେ ଯାଜପୁର ଜିଲା’ ପୁସ୍ତକ ଉନ୍ମୋଚିତ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଏହି ପୁସ୍ତକକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଓ ଅତିରିକ୍ତ ଜିଲାପାଳ (ପ୍ରଶାସନ) ମିହିର ପ୍ରସାଦ ମହାନ୍ତି ଉନ୍ମୋଚନ କରିଥିଲେ। ଯାଜପୁର ପୌର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଅନ୍ଧାରରେ ବାଡ଼ି ବୁଲାଉଛି ପୋଲିସ

ବରୀ,୧୫।୪(ଡି.ଏନ.ଏ.)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସୀପୁର ପଞ୍ଚାୟତର ନାବାଳିକା ଜ୍ୟୋତି ରଣାଙ୍କ ମୃତ୍ୟୁ ଘଟଣାକୁ ୫୬ ଦିନ ଅତିକ୍ରମ କରି ସାରିଲାଣି। କିନ୍ତୁ ପୋଲିସ ଏବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାରକରି ଅନ୍ଧାରରେ ବାଡ଼ି ବୁଲାଉଛି। ତେଣେ ତଦନ୍ତର ଦିନ ଯେତେ ଗଡୁଛି ରହସ୍ୟ ମଧ୍ୟ ସେତେ ବଢ଼ିବାରେ ଲାଗିଛି। ୧୮।୦୨।୨୨ରେ ନାବାଳିକାଙ୍କ ମୃତଦେହ ବ୍ରାହ୍ମଣୀ ନଦୀକୂଳରୁ ପୋଲିସ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରେ ଏହା ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ଜିଲାସ୍ତରୀୟ ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ମୃତ ନାବାଳିକାଙ୍କ ବାପା, ଭଉଣୀ ଓ ନିକଟ ସମ୍ପର୍କୀୟଙ୍କୁ ପଚାରାଉଚରା କରିଛନ୍ତି। ତେବେ ହତ୍ୟା ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ପୋଲିସ ଅନ୍ୟାସୀପୁର ଓ ଆଖପାଖ ଲୋକଙ୍କୁ ସନ୍ଦେହରେ ଉଠାଇ ନେଇ ପଚରାଉଚରା ଚଳାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଛାଡ଼ି ଦେଇଥିଲେ ମଧ୍ୟ ୧୦ରୁ ୧୨ଜଣଙ୍କୁ ଅଜଣା ସ୍ଥାନରେ ରଖି ପଚରାଉଚରା ଚଳାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି।

### ନାବାଳିକା ଜ୍ୟୋତି ହତ୍ୟାକାଣ୍ଡ

ତେବେ ମୃତଦେହ ପଡ଼ିଥିବା ସ୍ଥାନଟି ନିଛାଟିଆ ହୋଇଥିବାରୁ ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହୁଛନ୍ତି। ହେଲେ ପୋଲିସ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରିଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଳମ୍ବ ହେଉଛି ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ନାବାଳିକା ହତ୍ୟା ମାମଲାକୁ ନେଇ ବରୀ ଭାଜପା ପକ୍ଷରୁ ଆଶୁତୋଷ ପରିଡ଼ା ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ରାଜ୍ୟ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ଏଭଳି ସମ୍ବେଦନଶୀଳ ଘଟଣାକୁ ନିନ୍ଦନୀୟ ବୋଲି କହିଛନ୍ତି। ଏଥିସହିତ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମାଙ୍କ ଘରକୁ ବୋମାମାଡ଼, ବାଲିଆ ଛକରେ ଦୋକାନ ପୋଡ଼ାଯିବା ଓ ଶାସକ ଦଳ କର୍ମୀ ବିରୋଧୀ ଦଳ କର୍ମୀଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ବୋଲି ସେ କହିଛନ୍ତି। ନାବାଳିକାଙ୍କ ହତ୍ୟାକାଣ୍ଡ ସନ୍ଦେହଜନକ ରହିବା ଯୋଗୁ ଅସନ୍ତୋଷ ସୃଷ୍ଟି ବଢୁଛି। ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ସଫଳ ନ ହେଲେ ବିଭନ୍ନ ସାମାଜିକ ସଂଗଠନ ଓ ମହିଳା ସଂଘ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପୋଲିସ ପହଞ୍ଚିବ। ଏବେ ଦେଖିବାକୁ ଅପେକ୍ଷା କେବେ ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରୁଛି।

## ସଂକ୍ଷେପରେ

### ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ଦୟଣାଚୋରି ନୀତି ସମ୍ପନ୍ନ



ଖଣ୍ଡପଡ଼ା,୧୫।୪(ସ୍ୱ.ପ୍ର): ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ପୀଠରେ ଶ୍ରୀଜୀଉଙ୍କ ଦୟଣାଚୋରି ନୀତି ଶୁକ୍ରବାର ପବିତ୍ର ଚୈତ୍ରମାସ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତଥି ରାତିରେ ସମ୍ପନ୍ନ ହୋଇଯାଇଛି। ଶ୍ରୀଜୀଉଙ୍କ ପାରମ୍ପରିକ ସନ୍ଧ୍ୟା ନୀତି ଓ ଦକ୍ଷିଣ ଘର ଭୋଗ ପରେ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ଠାକୁର ମଦନ ମୋହନଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ପରେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ବିଜେ କରାଯାଇ ଘଣ୍ଟଘଣ୍ଟା, କାହାଳି ପଟୁଆରରେ ସିଂହଦ୍ୱାର ନିକଟସ୍ଥ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା। ବଗିଚା ପରିସରରେ ଶ୍ରୀଜୀଉଙ୍କୁ ବିଜେ କରାଯାଇ ପୁରୋଧା ପ୍ରସନ୍ନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଥିଲା। ପ୍ରସାଦ ଲାଗି ପରେ ବନ୍ଦାପନା ଓ ଚାମର ଆଲଟ କରାଯାଇଥିଲା। ଠାକୁରଙ୍କ ଶ୍ରୀହସ୍ତରେ ଦୟଣା ଗଛ ରଖାଯାଇ ଯଥାବିଧି ନୀତି ସମ୍ପନ୍ନ ହୋଇଥିଲା। ମଦନମୋହନ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲାପରେ ରାତ୍ର ଧୂପ ଓ ବଡ଼ସିଂହାର ପରେ ଦେବଦେବୀଙ୍କ ଶ୍ରୀଅଙ୍ଗରେ ଦୟଣା ଲାଗି କରାଯାଇ ଶୀତଳ ଭୋଗ ଅର୍ପଣ କରାଯାଇଥିଲା। ମୁଖ୍ୟ ପୂଜକ ମିଶ୍ର ଓ ହୃଷୀକେଶ ମିଶ୍ର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ନୀତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

### ଗିରି ହନୁମାନ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ



ଖଣ୍ଡପଡ଼ା,୧୫।୪(ସ୍ୱ.ପ୍ର)
ଖଣ୍ଡପଡ଼ା ସହରାଞ୍ଚଳ ଗିରି ହନୁମାନ ପୀଠରେ ମଙ୍ଗଳବାର ଆରମ୍ଭ ହୋଇଥିବା ପାରମ୍ପରିକ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଗୁରୁବାର ଶେଷ ହୋଇଯାଇଛି। ମନ୍ଦିରର ୨୧ତମ ପ୍ରତିଷ୍ଠା ଦିବସ ଅବସରରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମର ଅପରାହ୍ନରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଗତ ୩ ଦିନ ଧରି ହନୁମାନ ଚାଳିଶା ପଠନ, ପୂଜାର୍ଚ୍ଚନା, ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଯାଇଛି।

# ଜିଲାପାଳଙ୍କ କଟକଣା ହେବ ବାଟବଣା

ନୟାଗଡ଼ ଅଫିସ,୧୫।୪



ଜିଲାପାଳଙ୍କ କଟକଣା ସତ୍ତ୍ୱେ ପଣା ଯାତ୍ରାରେ ଶୁକ୍ରବାର ଲୋକଙ୍କ ଗହଳି।

- ରାସ୍ତା ଶୋଭାଯାତ୍ରା ବନ୍ଦ ନିଷ୍ପତ୍ତିର ମିଳିବନି ସୁଫଳ
- କେବଳ ପଣା ସଂକ୍ରାନ୍ତି ପାଇଁ କଟକଣା
- ଦଶପଲ୍ଲା ଲଙ୍କାପୋଡ଼ି ଓ ଓଡ଼ଗାଁ ରାମନବମୀ ଯାତ୍ରାକୁ ମାଫ
- ଦଣ୍ଡପର୍ବ ଅଘଟଣକୁ ଏଡ଼ାଇବା ପାଇଁ ଖସିବାର କୌଶଳ

ଦଣ୍ଡପର୍ବ ଶୋଭାଯାତ୍ରାର ବିସ୍ଫୋରକ ରୂପ ଦୁର୍ଗାପ୍ରସାଦର ଯୁବ ଇଞ୍ଜିନିୟର ନବୀନ ପରିଡ଼ା(୨୬)ଙ୍କ ହତ୍ୟାପରେ ପ୍ରଶାସନ ହଡ଼ବଡ଼େଇ ଯାଇଛି। ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ପତ୍ରାଙ୍କ ସଂଖ୍ୟା ୬୧୯,ଏପ୍ରିଲ ୧୪ର ଚିଠି ଅନୁସାରେ ଦକ୍ଷିଣକାଳୀ ପର୍ବ ପାଇଁ କଟକଣା ଜାରି ହୋଇଛି। ରାସ୍ତାରେ ଲୋକଙ୍କ ଶୋଭାଯାତ୍ରା ହୋଇପାରିବନି। ରାତି ୯ଟା ସୁଦ୍ଧା ସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ ହେବ। ଟ୍ରାଫିକ୍ ସେବାକୁ ବିପର୍ଯ୍ୟସ୍ତ କରୁଥିବାରୁ ରାସ୍ତାକଡ଼ରେ ଅସ୍ଥାୟୀ ଦୋକାନ କରାଯାଇ ପାରିବନି। ପ୍ରଶାସନର ବିନା ଅନୁମତିରେ କିଛି ନ କରିବାକୁ କୁହାଯାଇଛି। ଏପ୍ରିଲ ୧୪ରୁ ୨୦ତାରିଖ ପଣାଯାତ୍ରା ମଧ୍ୟରେ ଜିଲାପାଳଙ୍କ କଟକଣା ଲାଗୁ ରହିବ ବୋଲି ଚିଠିରୁ ଜଣାପଡ଼ିଛି। ତେବେ ଦକ୍ଷିଣକାଳୀ ପଣାଯାତ୍ରାରେ ୫୭ନଂ. ଜାତୀୟ ରାଜପଥ କଡ଼ରେ ପଡ଼ିଥିବା ଅସ୍ଥାୟୀ ଦୋକାନ ହଟିନାହିଁ। କେବଳ ମାନସିକ ବାଣଫୁଟା କାର୍ଯ୍ୟକ୍ରମ ଫସର ଫାଟିଛି। ଏପରିସ୍ଥଳେ ଜିଲାପାଳଙ୍କ କଟକଣାକୁ ନେଇ ଉଠିଛି ପ୍ରଶ୍ନ। ରାସ୍ତା ଶୋଭାଯାତ୍ରା ବନ୍ଦର ସୁଫଳ ମିଳିବନି ବୋଲି ସାଧାରଣରେ ଆଲୋଚନା ଚାଲିଛି। ଦଣ୍ଡପର୍ବ ଅଘଟଣକୁ ଏଡ଼ାଇବା ପାଇଁ ଫନ୍ଦିଫିକର କରି ଖସିବାର ଗଳାବାଟ ଖୋଜାଯାଉଛି ବୋଲି ସମାଲୋଚନା କରାଗଲାଣି।

ଏ ନେଇ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, କେବଳ ଚିଠି କରିଦେଲେ ଲୋକଙ୍କ ରାସ୍ତା ଶୋଭାଯାତ୍ରା ବନ୍ଦ କରିହେବନି। ଶୋଭାଯାତ୍ରା କରିବା ଲୋକଙ୍କର ଅଧିକାର। ଲୋକଙ୍କ ଅଧିକାରକୁ ଜିଲାପାଳ ଛଡ଼ାଇ ନେଇପାରିବା ଏତେ ସହଜ ନୁହେଁ। ଦଣ୍ଡପର୍ବ ଶୋଭାଯାତ୍ରା କରିବା ପୂର୍ବରୁ ପ୍ରଶାସନ ଭାବିଚିନ୍ତି ଅନୁମତି ଦେବାର ଥିଲା। ଦଣ୍ଡପର୍ବ ଶୋଭାଯାତ୍ରା ୫ରୁ ୬ ଘଣ୍ଟା ୫୭ନଂ. ଜାତୀୟ ରାଜପଥ ଅବରୋଧ କଲା। ପୁଣି ଲଗାତର ଭାବେ ଦୁଇ ଧାର୍ମିକ ଅନୁଷ୍ଠାନର ଦୁଇ ଗାଁକୁ ଅନୁମତି ଦିଆଯାଇଥିଲା। ଯେଉଁମାନେ ରାସ୍ତାରେ ବାଦାନୁବାଦ ଲାଗିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିଲା। ପୋଲିସର ପଦକ୍ଷେପ ନ ଥିବାରୁ ଅବହେଳା ନେଇ ପ୍ରଶ୍ନ ଉଠିଛି। ଏଭଳିସ୍ଥଳେ ପଣା ସଂକ୍ରାନ୍ତି ଉପରେ କେବଳ କଟକଣା ଲଗାଇ ଖସିଯିବା ସହଜ ହେବନି। ଏଥିପାଇଁ ଭକ୍ତଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ପଣାଯାତ୍ରା ଉପରେ କଟକଣା ଲାଗୁ କରାଯାଇଛି। ତେବେ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ଓ ଓଡ଼ଗାଁ ରାମନବମୀ ଯାତ୍ରା ଉପରେ ଏପରି କିଛି କଟକଣା ଅଛି କି? ଯଦି ନାହିଁ ପଣାଯାତ୍ରା ଉପରେ କଟକଣା ଲଗାଇବା ପ୍ରହସନ ପାଲଟିବ। ଦଣ୍ଡପର୍ବର କାର୍ଯ୍ୟାନୁଷ୍ଠାନରୁ ଖସିବାକୁ ଏହା ଏକ ଚାଲ୍ ବୋଲି ଜଣାପଡ଼ିଛି। ଦଣ୍ଡପର୍ବ ଘଟଣା ପୂର୍ବରୁ ଜିଲାପାଳ ରାସ୍ତା ଶୋଭାଯାତ୍ରା ଓ ରାସ୍ତାପାର୍ଶ୍ୱ ଅସ୍ଥାୟୀ ଦୋକାନ ଉପରେ କଟକଣା ଲଗାଇବା ବ୍ୟବସ୍ଥା କରାଇଥିଲେ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥାନ୍ତା। ଘଟଣା ପରେ ତରବରିଆ କଟକଣା ନିଷ୍ପତ୍ତି ଜିଲାପାଳଙ୍କୁ ସନ୍ଦେହଘେରକୁ ଟାଣିଛି। ପୁଣି ଏସ୍‌ପି ସନ୍ଦେହ ଘେରରେ ଆସିଛନ୍ତି। ଦଣ୍ଡପର୍ବ ଅଘଟଣ ପରେ ବି ପୋଲିସ ଉପରେ ନାହିଁ କାର୍ଯ୍ୟାନୁଷ୍ଠାନ। ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରି ଦଣ୍ଡପର୍ବ ଅଘଟଣର ତଦନ୍ତ ହେବା ଦରକାର। ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, ଲୋକମାନଙ୍କର ଭଲ ପାଇଁ ପ୍ରଶାସନ କାମ କରିବା ଦରକାର। ହେଲେ ଲୋକଙ୍କର କ୍ଷତି ହେବାପରେ ପ୍ରଶାସନ ଚେଇଁ ଉଠୁଛି। କିଛି ନିଷ୍ପତ୍ତି ତରବରିଆ ଭାବେ ନେଉଥିବାରୁ ସୁଫଳ ମିଳିବା ଆଶା କରିହେଉନି। ହେଲେ ପଣାଯାତ୍ରା କଟକଣାକୁ କାର୍ଯ୍ୟକାରୀ କରିବା କାଠିକର ପାଠ ହେବ। ଏ ନେଇ ଜିଲାପାଳଙ୍କ ବିରୋଧରେ ଅସନ୍ତୋଷ ଦାନା ବାନ୍ଧିଲାଣି ବୋଲି ଜିଲାସାରା ଚର୍ଚ୍ଚା ଧରିଛି ବୋଲି ସେ କହିଛନ୍ତି।

## ନୟାଗଡ଼ ଜିଲାରେ ଦୁଇଥର ଭୂମିକମ୍ପ ଝଟକା

ନୟାଗଡ଼ ଅଫିସ/ଦଶପଲ୍ଲା, ୧୫।୪(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା, ଗଣିଆ ଓ ନୂଆଗାଁ ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ପୂର୍ବାହ୍ନ ୧୧ଟା ୧୯ ମିନିଟ୍‌ରେ ଏହି ମୃଦୁ ଭୂମିକମ୍ପ ହୋଇଛି। ଦଶପଲ୍ଲା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ୩ ମିନିଟ୍ ମଧ୍ୟରେ ୬ ସେକେଣ୍ଡ ଲେଖାଏ ୨ ଥର ଭୂମିକମ୍ପ ଝଟକା ଲାଗିଥିଲା। ୨ ଥର ଭୂମିକମ୍ପ ବେଳେ ଜନସାଧାରଣ ଭୟଭୀତ ହୋଇ ଘର ବାହାରକୁ ପଳାଇ ଆସିଥିଲେ। ବାହାରେ ଲୋକ ଜମା ହୋଇ ଥିବା ଦେଖିବାକୁ ମିଳିଥିଲା। ପ୍ରଭାବରେ ପୋଖରୀ ପାଣିରେ ଢେଉ ସୃଷ୍ଟି ହୋଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏପରି କି ଘର ପଙ୍ଖା ସହ ଆସବାବପତ୍ର ଦୋହଲିବା ସହ କେତେଗୋଟି ଘର କାନ୍ଥ ଫାଟି ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ତେବେ କ୍ଷୟକ୍ଷତିର କୌଣସି ଖବର ମିଳିନାହିଁ। ଅନ୍ୟପକ୍ଷେ ଗଣିଆ ବ୍ଲକର ଜଗନ୍ନାଥପ୍ରସାଦରେ ୨ ମିନିଟ୍‌ର ୨ ଥର ଭୂମିକମ୍ପ ହୋଇଛି। ନୂଆଗାଁ ବ୍ଲକର ସୋରଡ଼ା ଅଞ୍ଚଳରେ ଅନୁରୂପ ଭାବେ ଭୂମିକମ୍ପ ହୋଇଛି। ମୃଦୁ ଭୂମିକମ୍ପର ତୀବ୍ରତା ୩.୫ ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ମିଳିଛି।

## ରକ୍ତଭଣ୍ଡାରର ଉପର ମହଲାରେ ଅଗ୍ନିକାଣ୍ଡ

ଦଶପଲ୍ଲା, ୧୫।୪(ଡି.ଏନ୍.ଏ.)

**ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ନୟାଗଡ଼ ଜିଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ରକ୍ତଭଣ୍ଡାର ଉପର ମହଲାରେ ଶୁକ୍ରବାର ଅପରାହ୍ନ ୩ଟା ୪୦ ମିନିଟ୍‌ରେ ନିଆଁ ଲାଗିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ସହ ବହୁ ସରକାରୀ କାଗଜପତ୍ର ପୋଡ଼ିଯାଇଛି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଭଣ୍ଡାର ରହିଛି। ଏହାର ଉପର ମହଲାରେ ରୋଗୀ କଲ୍ୟାଣ ସମିତିର ଆକାଉଣ୍ଟ ସମେତ ସମସ୍ତ କାର୍ଯ୍ୟ ହୋଇଥାଏ। ତେବେ ଅପରାହ୍ନରେ ଇନ୍‌ଭର୍ଟରରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଖବର ପାଇ ଦଶପଲ୍ଲା ଅଗ୍ନିସେବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଉପର ମହଲାରେ ଥିବା କମ୍ପ୍ୟୁଟର, ଫ୍ୟାନ, ଇନ୍‌ଭର୍ଟର ସମେତ ବହୁ ସରକାରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ଅଗ୍ନିସେବା କର୍ମଚାରୀମାନେ ପ୍ରାୟ ଅଢ଼େଇ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ତଳ ମହଲାରେ ଥିବା ରକ୍ତଭଣ୍ଡାରର କୌଣସି କ୍ଷୟକ୍ଷତି ହୋଇନାହିଁ। ଡାକ୍ତରଖାନା ପରିସରରେ ଅଗ୍ନିକାଣ୍ଡ ଖବର ପାଇ ବହୁ ଲୋକ ଜମା ହୋଇଯାଇଥିଲେ। ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା।

## ଉପନ୍ୟାସ 'ପାରିଆପଣେ ପାଣ୍ଡିଆ' ଲୋକାର୍ପିତ

ନୟାଗଡ଼ ଅଫିସ,୧୫।୪



ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଉପନ୍ୟାସ ଉନ୍ମୋଚନ କରୁଛନ୍ତି। ପାର୍ଶ୍ୱରେ ଅନ୍ୟମାନେ।

ନୟାଗଡ଼ ରୋଟାରୀ ଭବନରେ ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଉପନ୍ୟାସ 'ପାରିଆପଣେ ପାଣ୍ଡିଆ' ଶୁକ୍ରବାର ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଞ୍ଜବାଳା ପ୍ରକାଶନୀର ମୁଖ୍ୟ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ରଖିଥିଲେ। ସମୀକ୍ଷକ ଭାବେ ଅଧ୍ୟାପକ ଆଶୁତୋଷ ମିଶ୍ର ପୁସ୍ତକର ବିଭିନ୍ନ ସୃଜନଶୀଳ, ଯୁଗଧର୍ମୀ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତାଭାବେ ସାମ୍ୟବାଦୀର ପୂର୍ବତନ ସମ୍ପାଦକ ସନ୍ତୋଷ ଦାଶ ଓ ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ଲେଖକଙ୍କ କ୍ରାନ୍ତିକାରୀ ସାରସ୍ୱତ ସୃଷ୍ଟି ଉପରେ ଟିପ୍ପଣୀ ରଖିଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ବିଜୟ ଚୌଧୁରୀ ଯୋଗଦେଇଥିଲେ। ଶିକ୍ଷାବିତ୍ ଅଶୋକ ମଲ୍ଲ ସଂଯୋଜନା ଓ ଅଧ୍ୟାପିକା ବିଦ୍ୟୁଲତା ଷଣ୍ଢ ଧନ୍ୟବାଦ ଦେଇଥିଲେ। ଉପନ୍ୟାସରେ ସମାଜରେ ଘଟୁଥିବା ଅସାମାଜିକ ବିକଳ ଚିତ୍ରଠାରୁ ଆରମ୍ଭ କରି କରୋନା କାଳର ଦୁର୍ବିଷହ ଯନ୍ତ୍ରଣା ପ୍ରତିଫଳିତ ହୋଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା,୧୫।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରାଞ୍ଚଳ ରଥଗଡ଼ା ସାହିର ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ନନ୍ଦ(୮୬)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ପ୍ରତାପ ମୁଖାଗ୍ନି ଦେଇଥିଲେ। ସେ ଜଣେ ମେଳାପି ସହ ବନ୍ଧୁବତ୍ସଳ ଥିଲେ।

## ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ସମୀକ୍ଷା

ବ୍ରହ୍ମପୁର ଅଫିସ,୧୫।୪

ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠୱା ଶୁକ୍ରବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସିଥିଲେ। ବ୍ରହ୍ମପୁର କୋର୍ଟପେଟାସ୍ଥିତ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟ ପରିସରରେ ନିର୍ଦ୍ଦେଶକ ଜେଠୱାଙ୍କୁ ପ୍ରଥମେ ଗାର୍ଡ ଅଫ ଅନର ଦିଆଯାଇଥିଲା। ସେଠାରେ ସେ ବିଭାଗୀୟ ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପରେ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁଙ୍କ ସମେତ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ନିୟୋଜିତ ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ୫-ଟି, ମୋ ସରକାରର ଆଭିମୁଖ୍ୟକୁ ନେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସମାଜରୁ କିପରି ଦୁର୍ନୀତି ହଟିବ ସେ ଦିଗରେ ସମସ୍ତେ ଧ୍ୟାନ ଦିଅନ୍ତୁ ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ଜେଠୱା କହିଥିଲେ।

## ଜିଲା ଦୌରାଜଜ୍‌ଙ୍କ ବାସଭବନ ପରିସରରେ ନିଆଁ

ବ୍ରହ୍ମପୁର ଅଫିସ,୧୫।୪

ଗଞ୍ଜାମ ଜିଲା ଦୌରା ଜଜ୍‌ଙ୍କ ବାସଭବନ ପରିସରରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ ବାସଭବନ ପାଚେରୀର ଅପର ପାର୍ଶ୍ୱରେ ଥିବା ଏକ ଅଳିଆ ଗଦାରେ କେହି ଜଣେ ନିଆଁ ଲଗାଇ ଦେଇଥିଲେ। ଧୀରେ ଧୀରେ ଉକ୍ତ ନିଆଁ ବିଚାରପତିଙ୍କ ବାସଭବନ ପାଚେରୀ ପରିସରରେ ଥିବା କିଛି ଗଛକୁ ବ୍ୟାପିଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ବେଳେ କେତେକ ଗଛରେ ନିଆଁରେ ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଖଣ୍ଡପଡ଼ା ମା' ଡୁମାଳୁଣୀଙ୍କ ଉଭାଯାତ୍ରା



ଖଣ୍ଡପଡ଼ା,୧୫।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରାଞ୍ଚଳର ୧୦ନଂ. ୱାର୍ଡ଼ ବ୍ରାହ୍ମଣସାହିର ଅଧିଷ୍ଠାତ୍ରୀ ଦେବୀ ମା' ଡୁମାଳୁଣୀଙ୍କର ଉଭାଯାତ୍ରା ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡାଗଡ଼ର ଅନ୍ୟତମ ଶକ୍ତିପୀଠ ରୂପେ ମା'ଙ୍କ ପୀଠ ବେଶ୍ ଜଣାଶୁଣା। ଏଥିପାଇଁ ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ମା' ଡୁମାଳୁଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମା'ଙ୍କ ଉଭାପର୍ବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧୂପ, ଦୀପ, ନୈବେଦ୍ୟ ଓ ହୋମଯଜ୍ଞ ଇତ୍ୟାଦି ମା'ଙ୍କ ନିକଟରେ ସମାପନ ପରେ ଦେହୁରୀ ପୂଜକ ମା'ଙ୍କ ଆଶୀର୍ବାଦରେ ଉଭା ହୋଇଥିଲେ। ପରେ ମନ୍ଦିର ପରିସରରୁ ଏକ ଆଜ୍ଞାମାଳ ନେଇ ଦେହୁରୀ ପୂଜକ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଉଭା ଯାତ୍ରା ପର୍ବ ଉପଭୋଗ କରିବା ତଥା ମା'ଙ୍କ ସୁବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ୧୦ନଂ.ୱାର୍ଡ କାଉନ୍‌ସିଲର ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ଡୁମାଳୁଣୀ କ୍ଲବ୍‌ର ସଭ୍ୟାସଭ୍ୟ ସକ୍ରିୟ ସହଯୋଗ କରିଥିଲେ।

## ଏମ୍‌କେସିଜି ମେଡିକାଲ କଲେଜକୁ ଚକ୍ଷୁ, ଶରୀର ଦାନ

ବ୍ରହ୍ମପୁର ଅଫିସ,୧୫।୪

ବ୍ରହ୍ମପୁର ବଡବଜାର ନିକଟ ମଙ୍ଗଳବାରମ ପେଟ୍ଟା ନିବାସୀ ଏ.ମହାଲକ୍ଷ୍ମୀ(୯୨)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ତାଙ୍କ ମା' ଏ.ଚନ୍ଦ୍ରା ରାଓ ମୃତଦେହକୁ ମହାରାଜା କୃଷ୍ଣ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟକୁ ଦାନ କରିବା ପାଇଁ ଇଛା ପ୍ରକାଶ କରିଥିଲେ। ତେଣୁ ମହାଲକ୍ଷ୍ମୀଙ୍କ ଦୁଇଟି ଚକ୍ଷୁକୁ ବିଭାଗୀୟ ଡା. ପ୍ରିୟଙ୍କା, ଓ ଡା.ସୋମାନି ସଂଗ୍ରହ କରିଥିଲେ। ମୃତଦେହକୁ ମହାରାଜା କୃଷ୍ଣ ଚନ୍ଦ୍ର ମହାବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ଓ ଗବେଷଣା ପାଇଁ ଦାନ କରାଯାଇଥିଲା। ଏମକେସିଜି ଆନାଟୋମୀ ବିଭାଗର ମୁଖ୍ୟ ଡା. ସାଗର ପୃଷ୍ଟିଲ ଲରକୁ ଗ୍ରହଣ କରିଥିଲେ। ଶରୀର ଦାନ ସମୟରେ ତାଙ୍କ ପୁଅ ଏ. ଚନ୍ଦ୍ରା ରାଓ ଓ ଅନନ୍ୟା ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମାନବବାଦୀ ହେତୁବାଦୀ ସଂଗଠନର ଇଟି. ରାଓ, ଜାମ୍ମୁଲା ସୁରେଶ ଓ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ। ଗଞ୍ଜାମ ଜିଲା ମାନବବାଦୀ ହେତୁବାଦୀ ସଂଗଠନ ପ୍ରଚେଷ୍ଟାରେ ବ୍ରହ୍ମପୁର ସହରରେ ଏଯାବତ ୧୨ ଗୋଟି ଶରୀର ଦାନ କରାଯାଇଛି।

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା: ବିରାୟୁ ବଧ, ସୀତା ହରଣ





ବିରାୟୁ ବଧ, ରାବଣର ପୁଷ୍ପକ ବିମାନରେ ସୀତା ହରଣର ଦୃଶ୍ୟ।

ଦଶପଲ୍ଲା, ୧୫।୪(ଡି.ଏନ୍.ଏ.)

ମହାବୀର କ୍ଷେତ୍ର ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଉତ୍ସବର ଶୁକ୍ରବାର ଥିଲା ବିରାୟୁ ବଧ ଓ ସୀତା ହରଣ। ପୂର୍ବାହ୍ନରେ ଶ୍ରୀରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ପରିସରରେ ଶାସ୍ତ୍ରମତେ ପୂଜାବିଧି ହେବା ସହ ରାତିରେ ରଙ୍ଗମଞ୍ଚରେ ରାମଲୀଳାର ବିରାୟୁ ବଧ ଓ ସୀତା ହରଣ ମଞ୍ଚସ୍ଥ ହୋଇଥିଲା। ବିରାୟୁ ନାମକ ଏକ ଅସୁର ଜଙ୍ଗଲ ମଧ୍ୟରେ ଉତ୍ପାତ କରୁଥିଲା। ମୁନିଋଷିଙ୍କ ଯଜ୍ଞସ୍ଥଳ ଭଙ୍ଗାରୁଜା କରି ହଇରାଣ କରୁଥିଲା। ରାମ ଲକ୍ଷ୍ମଣ ତାକୁ ବଧ କରିଥିଲେ। ଫଳରେ ପୃଥିବୀ ଶାନ୍ତ ହୋଇଥିଲା। ମୁନିଋଷିମାନେ ରାମ ଲକ୍ଷ୍ମଣଙ୍କ ଉପରେ ଖୁସି ହୋଇଥିଲେ। ପରେ ସୀତା ହରଣ ମଞ୍ଚସ୍ଥ ହୋଇଥିଲା। ରାମ ଲକ୍ଷ୍ମଣ ପଞ୍ଚବଟୀରେ ରହୁଥିବା ବେଳେ ରାବଣର ଭଉଣୀ ସୂର୍ପଣଖା ରାମଙ୍କୁ ବିବାହ ନିମନ୍ତେ ପ୍ରସ୍ତାବ ଦିଅନ୍ତି। ରାମ ବିବାହ କରିଛନ୍ତି କହି ଲକ୍ଷ୍ମଣଙ୍କ ପାଖକୁ ପଠାନ୍ତି, ଲକ୍ଷ୍ମଣ ତା'ର ନାକ କାନ କାଟିଦେବାରୁ ସେ ରାଗ ତମ ତମରେ ପଞ୍ଚବଟୀରେ ରହୁଥିବା ଭାଇ ଖରଦୁଷଣ ଓ ତ୍ରିଶଳାଙ୍କୁ ଏହି ବିଷୟ କୁହନ୍ତି। ୩ ଜଣଯାକ ଯାଇ ରାମ ଲକ୍ଷ୍ମଣଙ୍କ ଦ୍ୱାରା ପରାସ୍ତ ହୋଇ ମୃତ୍ୟୁବରଣ କରନ୍ତି। ଏ ସମ୍ପର୍କରେ ସୂର୍ପଣଖା ବିଚଳିତ ହୋଇ ରାବଣଙ୍କୁ ସୂଚନା ଦେଇ ସମୁଦ୍ରକୁ ଝାସ ଦିଅନ୍ତି। ଲଙ୍କାର ରାବଣ ମାରିଚ ଅସୁରକୁ ମାୟା ସାହାଯ୍ୟରେ ସ୍ୱର୍ଣ୍ଣ ମୃଗ ରୂପେ ପଠାଇ ପୁଷ୍ପକ ବିମାନ ସାହାଯ୍ୟରେ ସୀତାଙ୍କୁ ହରଣ କରି ନିଏ, ବାଟରେ ଜଟାୟୁ ପଥ ଅବରୋଧ କରିଥିଲେ ମଧ୍ୟ ତାଙ୍କୁ ହତ୍ୟାକରି ସୀତାଙ୍କୁ ନେଇଯାଏ। ଉଲ୍ଲେଖଯୋଗ୍ୟ, ସୀତା ହରଣ ଦିବସରେ ଏହି ପୀଠରେ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି ତିଆରି କରାଯାଇ ରାଜଦାଣ୍ଡରେ ଶୋଭା ପାଇଥାଏ। ଏହା ବ୍ୟତୀତ ଯେଉଁ ପୁଷ୍ପକ ବିମାନ କରାଯାଇଥାଏ, ସେହି ବିମାନରେ ସୀତାଙ୍କୁ ରାବଣ ହରଣ କରି ନେଇଥାଏ।

## ସଂକ୍ଷେପରେ

### ପାରିବାରିକ କଳହ: ସ୍ତ୍ରୀଙ୍କୁ ହାଣିଲେ ସ୍ୱାମୀ

**ଫୁଲବାଣୀ ଅଫିସ,୧୫।୪:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କାଣିନିପଦର ଗ୍ରାମ ଉପରପଡା ସାହିରେ ଶୁକ୍ରବାର ପାରିବାରିକ କଳହ ଯୋଗୁ ସ୍ତ୍ରୀଙ୍କୁ ହାଣି ସ୍ୱାମୀ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ୱାମୀଙ୍କ ଆକ୍ରମଣରେ ଆହତ ହୋଇଥିବା ମହିଳା ଜଣକ ହେଲେ ହେମଲତା ଦିଗାଲ। କାଣିନିପଦର ଗ୍ରାମର ବଶ୍ୟାନନ୍ଦ ଦିଗାଲଙ୍କ ଝିଅ ହେମଲତା ଉପରପଡ଼ାରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛି। ଅନେକ ସମୟରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହେଉଥିଲା। ଏଥିପାଇଁ କିଛି ଦିନ ପୂର୍ବରୁ ହେମଲତା ନିଜ ବାପ ଘରକୁ ଆସି ରହୁଥିଲେ। ଗୁରବାର ରାତିରେ ସେ ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ତାଙ୍କ ସ୍ୱାମୀ ଆସି ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ହେମଲତାଙ୍କ ଚିତ୍କାର ଶୁଣି ଘରର ଅନ୍ୟମାନେ ଆସିଯିବାରୁ ତାଙ୍କ ସ୍ୱାମୀ ସେଠାରୁ ଚାଲି ଯାଇଥିଲେ। ହେମଲତାଙ୍କୁ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଛି। ଏ ନେଇ ହେମଲତାଙ୍କ ବାପା ବଶ୍ୟାନନ୍ଦ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୫୭/୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମ ସୁନ୍ଦର ରାଓ କହିଛନ୍ତି।

### ଅଗ୍ନିଶମ ସେବା ସପ୍ତାହ

**ବୁଗୁଡ଼ା,୧୫।୪(ଡି.ଏନ.ଏ.):** ବୁଗୁଡ଼ା ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମେ ଯେଉଁ ଅଗ୍ନିକମାନେ ନିଜର କର୍ତ୍ତବ୍ୟ ପାଳନ ସମୟରେ ବୀରଗତି ପ୍ରାପ୍ତ ହୋଇଥିଲେ ସେହି ଶହୀଦମାନଙ୍କ ସକାଶେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଶୋଭାଯାତ୍ରାରେ ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ନେତୃତ୍ୱରେ ସହରରେ ଲୋକଙ୍କୁ ଅଗ୍ନିଦାଉରୁ ରକ୍ଷା ପାଇବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ଅଗ୍ନି ସତର୍କତା ପାଳନ କରିବା ପାଇଁ ୧୬ଟି ନିୟମ ବିଷୟରେ ଡ଼ାକବାଜି ଯନ୍ତ୍ର ମାଧମରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶକ କେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

### ବୋଲେରୋ ଓଲଟି ୨ ଆହତ



**ବୁଗୁଡ଼ା,୧୫।୪(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ କଦମ୍ବ ମଠ ନିକଟସ୍ଥ ଗୁଡିଆ ତୋଟାଠାରେ ଶୁକ୍ରବାର ଏକ ବୋଲେରୋ) ରାସ୍ତା କଡ଼ରେ ଓଲଟି ପଡ଼ିବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଭେଜିପୁଟୁ ଗ୍ରାମର ବାବୁ ରାଓ ଓ ବାଲିପଦର ଗ୍ରାମର ଦିପୁ ପ୍ରଧାନ। ସନ୍ଧ୍ୟାରେ ଅନ୍ୟମାନଙ୍କ ସହ ମିଶି ଏକ ଭୋଜି ପାଇଁ ବି.କରଡ଼ାବାଡ଼ି ଗ୍ରାମକୁଯାଇ ବୋଲେରୋ ଯୋଗେ ଫେରୁଥିବା ବେଳେ ବାଟରେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡିଥିଲା। ଆହତମାନଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି।

# ଅଣ କଂଗ୍ରେସ ଶାସନରେ ବ୍ରହ୍ମପୁର ଉପେକ୍ଷିତ

**ବ୍ରହ୍ମପୁର ଅଫିସ,୧୫।୪**

- ବିଧାୟକଙ୍କୁ ମିଳୁନି ମନ୍ତ୍ରୀ ପଦ
- ୪୦ ବର୍ଷ ତଳେ କଂଗ୍ରେସରୁ ମନ୍ତ୍ରୀ ହୋଇଥିଲେ

ଗଞ୍ଜାମ ଜିଲା ରାଜନୀତିରେ ବ୍ରହ୍ମପୁରର ଗୁରୁତ୍ୱ ରହିଛି। ତେବେ ରାଜ୍ୟର ଅଣକଂଗ୍ରେସ ସରକାରରେ ଏଠାର ବିଧାୟକଙ୍କୁ ମନ୍ତ୍ରୀ ପଦ ଦିଆ ନଯାଇ ଅଣଦେଖା କରାଯାଇଛି। ତଥ୍ୟ ଅନୁସାରେ ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ ଲଗାତର ଭାବେ ପୂର୍ବ ଜନତା ଦଳ ଓ ବର୍ତ୍ତମାନର ବିଜେଡିରୁ ବିଧାୟକ ନିର୍ବାଚିତ ହୋଇଛନ୍ତି। ଜଣେ ବି ମନ୍ତ୍ରୀ ହୋଇନାହାନ୍ତି। ୧୯୮୦ ନିର୍ବାଚନରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ସରକାରରେ ବ୍ରହ୍ମପୁର କଂଗ୍ରେସ ବିଧାୟକ କୃଷ୍ଣଚରଣ ପଟ୍ଟନାୟକ ମନ୍ତ୍ରୀ ହୋଇଥିଲେ। ମାତ୍ର ଦୁଇ ବର୍ଷ ସେ କ୍ଷମତାରେ ଥିଲେ। ପରବର୍ତ୍ତି ୧୯୮୫ ନିର୍ବାଚନରେ ସେତେବେଳର ଯୁବନେତା ଶିବ ଶଙ୍କର ସାହାଣୀ କଂଗ୍ରେସରୁ ଜିତିଥିଲେ ମଧ୍ୟ ମନ୍ତ୍ରୀ ହୋଇ ନ ଥିଲେ। ଫଳରେ ଦୀର୍ଘ ୪ ଦଶନ୍ଧି ହେବ ଆଉ କେହି ମନ୍ତ୍ରୀ ପରିଷଦରେ ସ୍ଥାନ ପାଇନାହାନ୍ତି।

୧୯୯୦ ନିର୍ବାଚନରେ ଜନତା ଦଳରୁ ବିନାୟକ ମହାପାତ୍ର ଜିତିଥିଲେ। ୧୯୯୫ ନିର୍ବାଚନରେ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବିଧାୟକ ହୋଇଥିଲେ। ପରବର୍ତ୍ତି ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ୪ ନିର୍ବାଚନରେ ବିଜେଡିରୁ ଲଗାତର ଭାବେ ଚ୍ୟାଉ ପଟ୍ଟନାୟକ ଏହି ନିର୍ବାଚନ ମଣ୍ଡଳୀକୁ ବିଧାୟକ ହୋଇଥିଲେ ମଧ୍ୟ ଥରେ ବି ମନ୍ତ୍ରୀ ହେବାର ସୁଯୋଗ ପାଇ ନ ଥିଲେ। ୨୦୧୯ ନିର୍ବାଚନ ବେଳେ ସେ ବିଜେଡି ଟିକେଟରୁ ବାଦ ପଡ଼ିଲେ। ଦଳ ବଦଳ କରି ବିକ୍ରମ ପଣ୍ଡା ବିଜେଡିରେ ଯୋଗ ଦେବାରୁ ତାଙ୍କୁ ପ୍ରାର୍ଥୀ କରାଗଲା ଓ ସେ ଏବେ ବିଧାୟକ ଅଛନ୍ତି। ତେଣୁ ଅଣକଂଗ୍ରେସ ଶାସନରେ ବ୍ରହ୍ମପୁର ଉପେକ୍ଷା ହୋଇଥିବା ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

ନିର୍ବାଚନୀ ତଥ୍ୟ ପ୍ରକାରେ ଅତୀତରେ ବ୍ରହ୍ମପୁର ସହର ଓ କୁକୁଡ଼ାଖଣ୍ଡି ବ୍ଲକର ୧୦ ପଞ୍ଚାୟତକୁ ନେଇ ବିଧାନସଭା କ୍ଷେତ୍ର ହୋଇଥିଲା। ୨୦୦୯ ନିର୍ବାଚନ ବେଳେ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ କେବଳ ରେଶମ ନଗରୀର ୩୫ ଓ ବର୍ତ୍ତମାନର ୩୬ ୱାର୍ଡକୁ ନେଇ ବିଧାନସଭା କ୍ଷେତ୍ର ହୋଇଛି। ସ୍ୱାଧୀନତା ପରେ ୧୯୫୧-୫୨ ପ୍ରଥମ ନିର୍ବାଚନରେ ବ୍ରହ୍ମପୁରରୁ ସ୍ୱାଧୀନ ପ୍ରାର୍ଥୀ ରାମଚନ୍ଦ୍ର ମିଶ୍ର ଜିତିଥିଲେ। ୧୯୫୭ ନିର୍ବାଚନରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଲିଙ୍ଗରାଜ ପାଣିଗ୍ରାହୀ ରାଜନୀତିକୁ ଆସି କଂଗ୍ରେସରୁ ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିଲେ। ୧୯୬୭, ୧୯୭୧ ଓ ୧୯୭୪ ନିର୍ବାଚନରେ କଂଗ୍ରେସରୁ ନିର୍ବାଚିତ ବିନାୟକ ଆଚାର୍ଯ୍ୟ ନନ୍ଦିନୀ ଶତପଥୀଙ୍କ ଦୁଇ ସରକାରରେ ମନ୍ତ୍ରୀ ହୋଇଥିଲେ ଏବଂ ସ୍ୱଳ୍ପ ସମୟ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଅଣ କଂଗ୍ରେସ ସରକାରରେ ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀର ବିଧାୟିକା ଓ ବିଧାୟକ ମନ୍ତ୍ରୀ ପଦ ପାଇଥିବା ବେଳେ ବ୍ରହ୍ମପୁରକୁ କାହିଁକି ମିଳୁନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ପଞ୍ଚାୟତ ଓ ପୌର ନିର୍ବାଚନ ସରିବା ପରେ ମନ୍ତ୍ରୀ ମଣ୍ଡଳ ଅଦଳ ବଦଳ ହେବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତା ପରଖିବା ଓ ମନ୍ତ୍ରୀମାନଙ୍କୁ ରିପୋର୍ଟ କାର୍ଡ ମାଗିଥିବା ଆଲୋଚନା ହେଉଛି। ଏବେ ଗଞ୍ଜାମରୁ ମାତ୍ର ଜଣେ ମନ୍ତ୍ରୀ ଅଛନ୍ତି। ଯଦି ପୁନର୍ଗଠନ ହୁଏ ତେବେ କାହା ମୁଣ୍ଡରେ କଳସ ପଡ଼ିବ ସେନେଇ ବିଭିନ୍ନ ଖଟିରେ ତର୍ଜମା ଚାଲିଛି।

## ଚୋରି ପାଣି ପମ୍ପ ଜବତ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୫।୪**

ସଦର ଥାନା ପୋଲିସ ଚୋରି ହୋଇଥିବା ଏକ ପାଣି ପମ୍ପକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଟୁନା ଦୋରା। ତାଙ୍କ ନିକଟରୁ ପାଣି ପମ୍ପ ଜବତ କରିଛି। ମାମଲା ନଂ.୧୪୫/୨୨ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସଦର ଥାନା ଅନ୍ତର୍ଗତ ଗୌତମି ଗ୍ରାମର ବିଜୟ ବିଷୋୟୀଙ୍କ ବାରିପଟ କୂଅରେ ଲାଗିଥିବା ପାଣି ପମ୍ପ ଗତ ୧୨ ତାରିଖ ରାତିରେ ଚୋରି ହୋଇଯାଇଥିଲା। ୧୩ ତାରିଖ ସକାଳେ ଏହା ଜାଣିବା ପରେ ବିଜୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଟୁନାଙ୍କୁ ଶୁକ୍ରବାର ଗିରଫ କରିଛି।

# ଶ୍ରୀରାମଙ୍କ ଶିବଧନୁ ଭଗ୍ନ, ସୀତାବିବାହ

**ଓଡ଼ଗାଁ,୧୫।୪(ସ୍ୱ.ପ୍ର.)**

### ଓଡ଼ଗାଁରେ ଶ୍ରୀରାମନବମୀ ଯାତ୍ରାର ପଞ୍ଚମ ସନ୍ଧ୍ୟା



ରତ୍ନ ସିଂହାସନରେ ସୀତା ବିବାହର ଦୃଶ୍ୟ।

ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ନବଦିନ ବ୍ୟାପୀ ଶ୍ରୀରାମନବମୀ ଯାତ୍ରାର ଶୁକ୍ରବାର ପଞ୍ଚମ ସନ୍ଧ୍ୟାରେ ବହୁ ପ୍ରତୀକ୍ଷିତ ପ୍ରଭୁ ଶ୍ରୀରାମଙ୍କ ଶିବଧନୁ ଭଗ୍ନ ପରେ ଜନକ ନନ୍ଦିନୀ ସୀତାଙ୍କ ସହ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ପ୍ରଭୁଙ୍କ ବିବାହ ଉତ୍ସବରେ ସାମିଲ ହେବାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ସନ୍ଧ୍ୟା ଆଳତି ସହିତ ରତ୍ନସିଂହାସନରେ ଶ୍ରୀରାମଙ୍କ ଧନୁ ଭଗ୍ନ ସହ ମାତା ଜାନକୀ ବେନି ହାତରେ ବରଣମାଳା ଧରି ଦଣ୍ଡାୟମାନ ହୋଇଥିବା କମନୀୟ ଦୃଶ୍ୟ ଭକ୍ତଙ୍କୁ ଆକୃଷ୍ଟ କରିଥିଲା। ରତ୍ନସିଂହାସନ ଜନକ ଦରବାରର ଭ୍ରମ ସୃଷ୍ଟି କରୁଥିବା ବେଳେ ପ୍ରଭୁ ଜନକ ଦରବାରରେ ଧନୁ ଭଗ୍ନ ବେଶରେ ଦର୍ଶନ ଦେଇଛନ୍ତି। ଏତିକିବେଳକୁ ସମାନ୍ତରାଳ ଭାବେ ମନ୍ଦିର ଦକ୍ଷିଣ ଦ୍ୱାରରେ ଥିବା ଝୁଲଣ ମଣ୍ଡପରେ ବୈଦିକ ରୀତିରେ ଶ୍ରୀଜୀଉଙ୍କ ରାଜକୀୟ ଢଙ୍ଗରେ ବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି ଚାଲିଥିଲା। ମହାରାଜା ଜନକଙ୍କ ଦରବାରରେ ପ୍ରଭୁ ଶ୍ରୀରାମଙ୍କ ଧନୁ ଭଗ୍ନ ଉପରାନ୍ତେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ସର୍ବ ଦେବଦେବୀ ବିଜେ ରାଧାକାନ୍ତ ଜୀଉଙ୍କ ସମେତ ପ୍ରଶାସନିକ ଅଧିକାରୀ, ପୂଜକ ପରିଷଦ ଓ ସେବାୟତମାନଙ୍କ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ମନ୍ଦିର ସିଂହଦ୍ୱାର ଦେଇ ପଟୁଆରରେ ବାହାରିଥିଲେ। ବରଯାତ୍ରୀ ଦଳ ବାଣ, ରୋଶଣି, ନାଚଗୀତ ସହିତ ନଗର ପରିକ୍ରମ କରିବା ପରେ ସୁଜିତ ବିବାହ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଜନକ ନନ୍ଦିନୀ ସୀତାଙ୍କ କନ୍ୟାଯାତ୍ରୀ ଦଳରେ ସାମିଲ ଥିବା ବିଜେ ପ୍ରଭୁ ରାମେଶ୍ୱର, ବେଦଜ୍ଞ ପଣ୍ଡିତ, ପୂଜକ ଓ ସେବାୟତ ଶ୍ରୀଜୀଉଙ୍କ ବରଯାତ୍ରୀଙ୍କୁ ବିବାହ ମଣ୍ଡପକୁ ବାଟବରଣପୂର୍ବକ ପାଛୋଟି ନେଇଥିଲେ। ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ମନ୍ତ୍ରପାଠ ସହ ପାରମ୍ପରିକ ରୀତିନୀତି ଅନୁସାରେ ସେବକ ସୁଆର ପରିଷଦ ସଦସ୍ୟ ଓ ଅଧିକାରୀମାନେ ସସମ୍ମାନେ ଶ୍ରୀରାମଙ୍କୁ ବଟବରଣ କରିଥିଲେ। ବୈଦିକ ରୀତିରେ ଶ୍ରୀରାମଚନ୍ଦ୍ର ଓ ସୀତାଦେବୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ବିବାହ ମଣ୍ଡପରେ ବିବାହ କାର୍ଯ୍ୟ ଚାଲିଥିବା ବେଳେ ବରଯାତ୍ରୀ ଓ କନ୍ୟାଯାତ୍ରୀରେ ସାମିଲ ଥିବା ସମସ୍ତ ଅତିଥିଙ୍କୁ ପ୍ରଶାସନ ପକ୍ଷରୁ ଆପ୍ୟାୟିତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ଶ୍ରୀଜୀଉଙ୍କ ବିବାହ ଉତ୍ସବ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସହ ପୂଜକ ପରିଷଦର କର୍ମକର୍ତ୍ତା, ମନ୍ଦିର ପରିଚ୍ଛା ପରିଚାଳନା କରିଥିଲେ। ଆଦର୍ଶ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟାୟତ ପୋଲିସ ଫୋର୍ସ ସହ ମୁତୟନ ରହି ଶାନ୍ତି ଶୃଙ୍ଖଳା ପ୍ରତି ଧ୍ୟାନ ଦେଇଥିଲେ।

## ଖରିଡ଼ାରେ ଗୋଷ୍ଠୀ ସଂଘର୍ଷ, ଜଣେ ଆହତ

**କବିସୂର୍ଯ୍ୟନଗର,୧୫।୪(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବାଣନଇ ଖରିଡା ଗ୍ରାମରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଅନିତା ନାହାକ ଆହାତ ହୋଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିପକ୍ଷ ଗୋଷ୍ଠୀକୁ ଭୋଟ ନଦେବାରୁ ରାଗରଖି ସକାଳେ ଗ୍ରାମର ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଫଳରେ ଗୋଟିଏ ପରିବାରର ଜଣେ ମହିଳା ଆହତ ହୋଇଥିଲେ। ଉଭୟ ଗୋଷ୍ଠୀ କବିସୂର୍ଯ୍ୟନଗର ଥାନାର ଦ୍ୱାରସ୍ତ ହୋଇଛନ୍ତି। ସେପଟେ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ସଂଘର୍ଷର ଭିଡିଓ ଭାଇରଲ ହେବାରେ ଲାଗିଛି।

## ୧୧ ଫୁଟ୍‌ର ଅହିରାଜ ଉଦ୍ଧାର



**ପାତ୍ରପୁର,୧୫।୪ (ଡି.ଏନ.ଏ.)**

ପାତ୍ରପୁର ବ୍ଲକ ସୁରଙ୍ଗି ସେକ୍ସନର ବୁଦାଗଡ ଗ୍ରାମରୁ ୧୧ ଫୁଟ ଲମ୍ବର ଅହିରାଜକୁ ଶୁକ୍ରବାର ବନ ବିଭାଗ ଉଦ୍ଧାର କରିଛି। ଗ୍ରାମର ଗୌଡ଼ସାହିରେ ଦୁଇ ଅହାରାଜ ସାପ ଖେଳୁଥିବାର ଗ୍ରାମବାସୀ ଦେଖି ବନ ବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଅଧିକାରୀ ରଜତ ମିଶ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ପହଞ୍ଚିଥିଲେ। ଏହି ସମୟରେ ଗୋଟିଏ ସାପ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘର ନଳାରେ ପଶି ଯାଇଥିଲା। ଅନ୍ୟପଟେ ସେଠାରେ ବୁଲୁଥିବା ଅହିରାଜ ସାପଟିକୁ କୌଶଳକ୍ରମେ ବନ ବିଭାଗ କର୍ମଚାରୀ ଧରିଥିଲେ। ଉଦ୍ଧାର ଅହିରାଜକୁ ସୁରକ୍ଷିତ ଭାବେ ଜଙ୍ଗଲ ମଧ୍ୟରେ ଛାଡ଼ି ଦିଆଯାଇଛି।

## ବିଷୁବ ମିଳନ, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ




**ନୟାଗଡ଼ ଅଫିସ,୧୫।୪**

ନୟାଗଡ଼ର ପୂର୍ବତନ ବିଧାୟକ, ସାହିତ୍ୟିକ, ଶିକ୍ଷାବିତ୍, ନାଟ୍ୟକାର ଓ ସାମାଜିକ କର୍ମୀ ବଂଶୀଧର ସାହୁଙ୍କ ସ୍ମୃତିରେ ଗୁରୁବାର ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ୱର୍ଗତ ବଂଶୀଧରଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ସାମ୍ବାଦିକ ପ୍ରଦୀପ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୈଳାସ ବାଣ୍ଟ, ସମ୍ମାନିତ ଅତିଥି ରୂପେ ନିର୍ମଳ ଚନ୍ଦ୍ର ଶୁରଦେଓ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ ନାୟକ, ବଂଶୀଧର ମହାବିଦ୍ୟାଳୟ ଅଧ୍ୟକ୍ଷ ହରପ୍ରସାଦ ରଣସିଂହ, ବଂଶୀଧର ସ୍ମୃତି କମିଟି ସଭାପତି ରଙ୍ଗନାଥ ବେହେରା ଓ ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବାଣ୍ଟଙ୍କୁ ବଂଶୀଧର ସାରସ୍ୱତ ସମ୍ମାନ, ପ୍ରଶାନ୍ତ ଦାଶଙ୍କୁ ବଂଶୀଧର ଶିକ୍ଷା ଓ ସଂସ୍କୃତି ସମ୍ମାନ, ଚନ୍ଦ୍ରମଣି ପ୍ରଧାନଙ୍କୁ ବଂଶୀଧର ବିଷୁବ ସମ୍ମାନ, ବିଶ୍ୱନାଥ ମହାପାତ୍ରଙ୍କୁ ବଂଶୀଧର ନାଟ୍ୟ ସମ୍ମାନ, ଅଫତାବ ହୁସେନ ଓ ରିତେନ୍ଦ୍ର ଛାଟୋଇଙ୍କୁ ବଂଶୀଧର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ସେତୁବନ୍ଧ, ପରମ୍ପରା ଭଳି ବିଭିନ୍ନ ସଙ୍ଗଠନ ପକ୍ଷରୁ କବି, କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ସଭାକୁ ଜୟଶ୍ରୀ ଦେବୀ, ହରପ୍ରିୟା ଦ୍ୱିବେଦୀ, ନୀଳିମା ନନ୍ଦ, ରିନାରାଣୀ ସାହୁ ସଂଯୋଜନା ଓ ସ୍ୱର୍ଗତ ବଂଶୀଧର ସାହୁଙ୍କ ପୁତ୍ର ମନୋଜ ପରିଚାଳନା କରିଥିଲେ।

## ଅଣସାହିତ୍ୟିକଙ୍କ ପ୍ରାଧାନ୍ୟକୁ ନେଇ ଅସନ୍ତୋଷ

**ନୟାଗଡ଼ ଅଫିସ,୧୫।୪**

ରବିବାର ହେବାକୁ ଥିବା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବରେ ଅଣସାହିତ୍ୟିକମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅସନ୍ତୋଷ ଜାହିର କରି ସାହିତ୍ୟିକ ଅନୀଲ ପଣ୍ଡା କହିଛନ୍ତି, ନୟାଗଡ଼ ଜିଲାରୁ ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଦାଶ ବେନୁହର, କୈଳାସ ବାଣ୍ଟ, ଜ୍ଞାନି ଦେବାଶିଷ ମିଶ୍ର, ଡ. ଭାରତ ଭୂଷଣ ରଥ, ଦେବାଶିଷ ସାମନ୍ତରାୟ, ପ୍ରକାଶ ମହାପାତ୍ର, ହାଡ଼ିବନ୍ଧୁ ମହାକୁଡ, ବିଶ୍ୱନାଥ ମହାପାତ୍ର, ଶୁଭ୍ରାଂଶୁ ପଣ୍ଡା, ଶୁଭ୍ରାଂଶୁ ବିଶ୍ୱାଳ ଓ ଗୁଣନିଧି ମହାପାତ୍ରଙ୍କ ସମେତ ବହୁ ଯୁବ ଏବଂ ବରିଷ୍ଠ ସାହିତ୍ୟିକଙ୍କୁ ଅଣଦେଖା କରାଯାଇଛି। ଯାହାକି ନିଶ୍ଚିତ ପକ୍ଷେ ଦୁଃଖଦାୟକ। ସାହିତ୍ୟ ଏକାଡେମୀ କାହା ବାପା ଘର ଜାଗିରି ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଅଣସାହିତ୍ୟିକ ତଥା ରାଜନୈତିକ ଇଚ୍ଛାଶକ୍ତି ସମ୍ପନ୍ନ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ନୟାଗଡ଼ ଜିଲାରେ ସାହିତ୍ୟ ଏକାଡେମୀ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ଆୟୋଜନ କରାଯାଉ ନ ଥିବା ବେଳେ ଏବେ ଯେଉଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି, ସେଠାରେ ସାତିତ୍ୟିକ କମ ଏବଂ ଅଣସାହିତ୍ୟିକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ଏ ନେଇ ସାହିତ୍ୟ ଏକାଡେମୀର ନୟାଗଡ଼ର ସଦସ୍ୟ ଅଶୋକ ନାୟକ କୁହନ୍ତି, ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବରେ ଅଣ ସାହିତ୍ୟିକମାନଙ୍କୁ ପ୍ରାଧାନ୍ୟ ଦିଆଯିବାର ଅଭିଯୋଗର ସତ୍ୟତା ନାହିଁ। ଏଥିରେ ଜିଲାର ସାହିତ୍ୟିକମାନଙ୍କୁ ନିମନ୍ତ୍ରଣ ରହିଛି। ଯାହାର ଅଭିଯୋଗ ଅଛି କାର୍ଯ୍ୟକ୍ରମ ଦିବସରେ ଆସିଲେ ଜାଣିପାରିବେ ବୋଲି ସେ କହିଛନ୍ତି।

# ପାନୀୟଜଳ ପାଇଁ ୪ନଂ. ୱାର୍ଡବାସୀ ହନ୍ତସନ୍ତ

**ଖଣ୍ଡପଡ଼ା,୧୫।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ୪ନଂ. ୱାର୍ଡବାସୀ ପାଇପ ଲାଇନ୍ ଯୋଗେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଲାଇନ ଓ ଷ୍ଟାଣ୍ଡପୋଷ୍ଟ ଯୋଗେ ୱାର୍ଡବାସୀଙ୍କୁ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର କେତେଜଣ ବ୍ୟକ୍ତି ମାଟିତଳେ ଯାଇଥିବା ପାଇପ ଲାଇନ୍‌ରୁ ଚୋରାରେ ପାଇପ ସଂଯୋଗ କରି ଘରକୁ ପାଣି ନେଉଥିବା ଅଭିଯୋଗ ହେଉଛି। ଏପରି କି ପାନୀୟଜଳ ଯୋଗାଣ ସମୟରେ ଚୋରାରେ ସଂଯୋଗ କରିଥିବା ବ୍ୟକ୍ତିମାନେ ପମ୍ପ ଯୋଗେ ପାଣି ଟାଣିନେଉଥିବାରୁ ଷ୍ଟାଣ୍ଡପୋଷ୍ଟଗୁଡ଼ିକରେ ସ୍ୱଳ୍ପ ସମୟ ପାଇଁ ଜଳ ଉପଲବ୍ଧ ହେଉଛି। ଫଳରେ ଅନେକ ବ୍ୟକ୍ତି ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଉତ୍କଟ ଜଳାଭାବରେ ୱାର୍ଡବାସୀ ହନ୍ତସନ୍ତ ହେଉଥିବା ନେଇ ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଧ୍ୟାନ ନ ଦେଇ ନୀରବଦ୍ରଷ୍ଟା ସାଜିଥିବା ଜଣାପଡ଼ିଛି। ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ମାଟିତଳେ ଯାଇଥିବା ପାଇପ ଲାଇନ ସହ ଚୋରାରେ ସଂଯୋଗ ହୋଇଥିବା ପାଇପ୍‌ଗୁଡ଼ିକ ଉଚ୍ଛେଦ ନିମନ୍ତେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରେ ହୋଇଥିବା ଅଭିଯୋଗ ପ୍ରତି ଦୃଷ୍ଟି ଦିଆଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୯.୫୧ ଲକ୍ଷ ଟଙ୍କା ଉଦ୍ଧାର କଲାଣି ସାଇବର ଥାନା

**ବ୍ରହ୍ମପୁର ଅଫିସ,୧୫।୪**

### କର୍ମଚାରୀଙ୍କ କାର୍ଯ୍ୟକୁ ଏସପିଙ୍କ ପ୍ରଶଂସା

ବ୍ରହ୍ମପୁରସ୍ଥିତ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନା ଏଯାବତ ୯ ଲକ୍ଷ ୫୧ ହଜାର ୪୮୭ଟଙ୍କା ଉଦ୍ଧାର କରିଛି। ସାଇବର ଠକମାନେ ବିଭିନ୍ନ ଉପାୟରେ ଲୋକଙ୍କ ଠାରୁ ଏହି ଟଙ୍କା ଠକି ନେଇଥିଲେ। ସାଇବର ଥାନାର ଅଧିକାରୀ ଓ କର୍ମଚାରୀଙ୍କ ସଫଳ ତଦନ୍ତ ଯୋଗୁ ଠକେଇ ଟଙ୍କା ମିଳିପାରିଛି। ଶୁକ୍ରବାର ବ୍ରହ୍ମପୁର ଏସପି ପିନାକ ମିଶ୍ର, ଏସଡିପିଓ ବିଷ୍ଣୁପ୍ରସାଦ ପତି ସାଇବର ଥାନା ପରିଦର୍ଶନ କରି ଥାନାର ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବ୍ରହ୍ମପୁରରେ ସାଇବର ଥାନା ପ୍ରତିଷ୍ଠା ହେବା ପର ଠାରୁ ଅନଲାଇନ ଟଙ୍କା ଠକେଇ, ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ଭାଇରାଲ ଭଳି ମୋଟ ୨୦୨ଟି ମାମଲା ରୁଜୁ ହୋଇଛି। ସେଥିରୁ ୧୯ଟିର ତଦନ୍ତ କରାଯାଇଛି। ସେହିପରି ଏଯାବତ ସାଇବର ଥାନା ପକ୍ଷରୁ ୬୬ଟି ନକଲି ଫେସବୁକ ଆକାଉଣ୍ଟ ଓ ୨୦ଟି ଇନଷ୍ଟାଗ୍ରାମ ଆକାଉଣ୍ଟ ସିଜ କରାଯାଇଛି। ୧୧ଟି ମୋବାଇଲ ଉଦ୍ଧାର କରାଯାଇ ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ପୂର୍ବରୁ ଏହା ସାଇବର ଥାନା ଥିବା ବେଳେ ଗତ ୨୦୨୧ ଡିସେମ୍ବର ୨୯ ତାରିଖ ଠାରୁ ଏହା ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନାରେ ପରିଣତ ହୋଇଛି। ଏହି ୪ ମାସ ଭିତରେ ଥାନାରେ ମୋଟ ୨ଟି ମାମଲା ରୁଜୁ ହୋଇଛି ଓ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଠକେଇର ଶିକାର ହେବା ପରେ ତୁରନ୍ତ ଏହି ଥାନାରେ ଲିଖିତ ନତୁବା ଅନଲାଇନ ଦ୍ୱାରା ଅଭିଯୋଗପତ୍ର ଦାଖଲ କରିବାକୁ ପୋଲିସ ପକ୍ଷରୁ ଜନ ସାଧାରଣଙ୍କୁ ଅନୁରୋଧ କରାଯାଇଛି।



ଉପସ୍ଥିତ ବ୍ରହ୍ମପୁର ଏସ୍‌ପିଙ୍କ ସମେତ ସାଇବର ଥାନାଧିକାରୀ ଓ କର୍ମଚାରୀ।

# ବିଏମ୍‌ସି ଇ-ଲାଇବ୍ରେରୀରେ ଅବ୍ୟବସ୍ଥା

**ବ୍ରହ୍ମପୁର ଅଫିସ,୧୫।୪**

### କର୍ମଚାରୀ ଅଭାବ, ରିଡିଂ ରୁମ୍‌ରେ ନାହିଁ ପରିସ୍ରାଗାର



ରିଡିଙ୍ଗ ରୁମ୍।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଡାଇମଣ୍ଡ ଜୁବୁଲି ଟାଉନ ହଲଠାରେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ଇ-ଲାଇବ୍ରେରୀ ନିର୍ମାଣ କରାଯାଇଛି। ଛାତ୍ରୀଛାତ୍ର, ଯୁବ ପିଢ଼ି ଓ ବରିଷ୍ଠ ନାଗରିକମାନେ ଇଣ୍ଟରନେଟ ଜରିଆରେ ଏଠାରେ ପଢାପଢ଼ି କରିପାରୁଛନ୍ତି। ଏଥିନିମନ୍ତେ କମ୍ପ୍ୟୁଟର ରହିଛି। ଜଣେ ଲାଇବ୍ରେରୀଆନ, ଜଣେ ଡାଟା ଅପରେଟର ଓ ଜଣେ ପିଅନ ଅଛନ୍ତି। କରୋନା ଲାଗି ଗତ ୨ ବର୍ଷ ଧରି ଇ-ଲାଇବ୍ରେରୀ ବନ୍ଦ ରହିବା କାରଣରୁ ବିଏମସି ବହୁ ରାଜସ୍ୱ କ୍ଷତି ସହିଥିଲା। କଟକଣା କୋହଳ ପରେ ଏବେ ପୁଣି ଥରେ ଇ-ଲାଇବ୍ରେରୀ ଚଳଚଞ୍ଚଳ ହୋଇଛି। ସମୟ ସୀମାରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ପୂର୍ବାହ୍ନ ୭ଟାରୁ ଦିନ ୧୧ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ଯାଏ ଲାଇବ୍ରେରୀରେ ରହିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୮ଟା ଯାଏଁ ବିଏମସି ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ଯାହାଦ୍ୱାରା ଛାତ୍ରୀଛାତ୍ରୀ ଓ ଯୁବ ପିଢିଙ୍କୁ ପାଠପଢା କ୍ଷେତ୍ରରେ ସହାୟକ ହୋଇପାରିବ। ହେଲେ ବର୍ତ୍ତମାନ ଏହି ଇ-ଲାଇବ୍ରେରୀ ପ୍ରତି ଆଦର ହ୍ରାସ ପାଉଛି। ପୂର୍ବଭଳି ଛାତ୍ରୀଛାତ୍ରୀଙ୍କ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଉନି। ଏପରିକି ଯେଉଁ ଯୁବ ପିଢୀମାନେ ଯେଉଁ ନିଯୁକ୍ତି ପରୀକ୍ଷା ପାଇଁ ଆସୁଛନ୍ତି, ପରୀକ୍ଷା ସରିବା ପରେ ଲାଇବ୍ରେରୀକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଅନ୍ୟପଟେ ଲାଇବ୍ରେରୀରେ ମାସିକ ଶୁଳ୍କ ୧୦୦ ଟଙ୍କା ରଖାଯାଇଛି। ଏଥିସହ ଅସୀମିତ ଇଣ୍ଟର ନେଟ ସୁବିଧା ମଧ୍ୟ ରହିଛି। ତଥାପି ଛାତ୍ରୀଛାତ୍ରଙ୍କ ଉତ୍ସାହ କମିବାରେ ଲାଗିଛି। ବର୍ତ୍ତମାନ ପ୍ରାୟ ୭୦ ଜଣ ପଞ୍ଜିକରଣ କରିଥିବା ବେଳେ ପ୍ରାୟ ୨୦ରୁ ୩୦ ଜଣ ଆସୁଥିବା ଜଣାପଡିଛି। ଅନ୍ୟପଟେ ଇ-ଲାଇବ୍ରେରୀର ବିପରୀତ ପାର୍ଶ୍ୱରେ ଉପର ମହଲାରେ ଶୀତତାପ ନିୟନ୍ତ୍ରିତ ଏକ ରିଡିଙ୍ଗ ରୁମ ରହିଛି। ଯେଉଁଠାରେ ୧୮୨ ଜଣ ବସି ପଢିବା ପାଇଁ ସୁବିଧା ରହିଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ୨୪ଟି ପୁସ୍ତକ ଥାକ ନିର୍ମାଣ କରାଯାଇଛି। ବର୍ତ୍ତମାନ ଏଠାରେ ୧୦୦ ଜଣ ପଞ୍ଜିକରଣ କରିଥିବା ଜଣାପଡିଛି। ଏହି ରିଡିଙ୍ଗ ରୁମରେ ସଦସ୍ୟ ପାଇଁ ଜଣ ପିଛା ୩୦୦ ଟଙ୍କା ଲେଖାଏ ରଖାଯାଇଛି। ଏଠାରେ ପାଠକଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପରିଶ୍ରାଗାର, ପିଇବା ପାଣି ଓ କର୍ମଚାରୀ ଅଭାବରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ଏହି ରିଡିଙ୍ଗ ରୁମରେ ଜଣେ ମାତ୍ର ଲାଇବ୍ରେରୀଆନ ରହିଛନ୍ତି। ଅନେକ ସମୟରେ ସମସ୍ୟା ଦେଖାଯାଉଛି। ଏଣୁ ରିଡିଙ୍ଗ ରୁମରେ ପାନୀୟ ଜଳ ଓ ପରିଶ୍ରାଗାର ସହ ଅଧିକା କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ଦାବି ହୋଇଛି। ଏ ନେଇ ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ପଚାରିବାରେ, ଏ ନେଇ ଯୋଜନା ରହିଛି। ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।